ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଛେଣ୍ଡିପଦା, ୯ ।୧୧(ସମିସ)

ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ନୂଆପଡ଼ା ଗାଁରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ନୂଆପଡ଼ା ଗାଁର ସୁନୀଲ ବେହେରାଙ୍କ ସ୍ତ୍ରୀ କବିତା ବେହେରା। ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଯୌତୁକ ପାଇଁ ମହିଳାଙ୍କ ସ୍ୱାମୀ ତାଙ୍କୁ ହତ୍ୟା କରିଥିବା ମହିଳାଙ୍କ ବାପଘର ଲୋକେ ବାଗଡିଆ ଥାନରେ ଅଭିଯୋଗ କରିଛନ୍ତି।



ପୁରୁଣାକୋଟ ଥାନା ଗଞ୍ଜଡ଼ା ଗ୍ରାମର ବିଦ୍ୟାଧର ବେହେରାଙ୍କ ଝିଅ କବିତା ୫ ବର୍ଷ ତଳେ ବୈଦିକ ରୀତିରେ ବାଗଡ଼ିଆ ଥାନା ନୂଆପଡ଼ା ଗାଁର ସୁନୀଲ ବେହେରାଙ୍କୁ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ପରେ ସୁନୀଲ ଅଧିକାଂଶ ସମୟରେ ଯୌତୁକ ଦାବିକରି କବିତାଙ୍କୁ ନିର୍ଯାତନା ଦେବା ସହ ମାରପିଟ କରୁଥିଲେ। ଶନିବାର ହଠାତ ଝିଅର ମୃତ୍ୟୁ ଖବର ପାଇ ବାପଘର ଲୋକେ ସେଠାରେ ପହଞ୍ଚିଥିଲେ। ଯୌତୁକ ପାଇଁ ସୁନୀଲ କବିତାଙ୍କୁ ପିଟି ପିଟି ମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। କବିତାଙ୍କ ବାପଘର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ସୁନୀଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ବିପ୍ଲବ ସାହୁ ପ୍ରକାଶ କରିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆରଆଇ ମେସିନ୍ ସ୍ଥାପନ ଦାବି

ଢେଙ୍କନାଳ, ୯ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୩୦୦ ଶଯ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ଏଠାରେ କୌଣସି ଅତ୍ୟାଧୁନିକ ଚିକିତ୍ସା ସୁବିଧା ହୋଇପାରିନାହିଁ। ଦୀର୍ଘବର୍ଷରୁ ଦାବି କରାଯାଉଥିଲେ ମଧ୍ୟ ଏଠାରେ ମେଡିକାଲ୍ କଲେଜ ସ୍ଥାପନ ହୋଇପାରିନାହିଁ। ଅନୁଗୋଳ ଜିଲ୍ଲାରେ ମୌଳିକ ସେବା ଆଧାରରେ ଏମ୍‌ଆରଆଇ ମେସିନ୍ ଥିଲେ ମଧ୍ୟ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଏମ୍‌ଆରଆଇ ମେସିନ୍ ସ୍ଥାପନ କରାଯାଇନାହିଁ। ଏ ନେଇ ସ୍ଥାନୀୟ ଜନସାଧାରଣ ବହୁ ଖର୍ଚ୍ଚାନ୍ତ ହୋଇ କଟକ ଓ ଭୁବନେଶ୍ୱର ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଜରୁରୀକାଳୀନ ଭିତ୍ତିରେ ଏକ ଏମ୍‌ଆର୍‌ଆଇ ମେସିନ ସ୍ଥାପନ କରିବା ପାଇଁ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି। ଏହାସହ ଏଠାରେ ତୁରନ୍ତ ଜଣେ ରୋଡିଓଲୋଜିଷ୍ଟ, ହୃଦରୋଗ ବିଶେଷଜ୍ଞ ଓ ଆନୁଷଙ୍ଗିକ କର୍ମଚାରୀ ରଖିବା ପାଇଁ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ସମାଜସେବୀ ସରୋଜ ଶତପଥୀ, ଇଂ. ଡମ୍ବରୁଧର ପଣ୍ଡା, କବି ବାହାଦୁର ପାଟସାହାଣୀ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ଶତପଥୀ, ପରିବେଶବିତ୍ ଉପେନ୍ଦ୍ର ରାଉତ, ସମାଜସେବୀ ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଓଡ଼ିଶା ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଂ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସ ସଭାପତିଙ୍କୁ ଜିଲ୍ଲା ଛାତ୍ର କଂଗ୍ରେସର ସମ୍ବର୍ଦ୍ଧନା




ଢେଙ୍କାନାଳ, ୯ ।୧୧(ସମିସ)

ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ ଛାତ୍ର ସଭାପତି ଉଦିତ୍ ପ୍ରଧାନ ଏବଂ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଚୁନୁ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗାନ୍ଧିମନ୍ଦିରଠାରେ ଆୟୋଜିତ ଛାତ୍ର କଂଗ୍ରେସର ସାଧାରଣ ବୈଠକରେ ଶ୍ରୀ ପ୍ରଧାନ କହିଲେ, ଢେଙ୍କାନାଳ ଜିଲ୍ଲାରେ ଛାତ୍ର କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ସହ ବେକାର ଯୁବକ, ଯୁବତୀଙ୍କୁ ନିଯୁକ୍ତି ପ୍ରସଙ୍ଗରେ ଦୁର୍ବାର ଆନ୍ଦୋଳନ କରାଯିବ। ଯଦିଓ ଢେଙ୍କାନାଳ ଜିଲ୍ଲାରେ ବହୁତ କମ୍ପାନୀ ରହିଛି, ମାତ୍ର ସେଥିରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ। ସମସ୍ତ ଚାକିରି ସଂଖ୍ୟାରୁ ୭୦ ପ୍ରତିଶତ ଯୁବକ ଯୁବତୀଙ୍କୁ ନିଯୁକ୍ତି ପାଇଁ ଦୃଢ଼ ଦାବି କରାଯିବ। ଏଥିସହ ଢେଙ୍କାନାଳ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖାଯିବ। ଶ୍ରୀ ସିଂ କହିଲେ, ଢେଙ୍କାନାଳର ସମସ୍ତ କଲେଜରେ କ୍ୟାମ୍ପସ କମିଟି କରିବା ସହ ଛାତ୍ରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଛାତ୍ର କଂଗ୍ରେସ ଉଦ୍ୟମ ଜାରି ରଖିବ। ସଭାରେ ପୂର୍ବତନ ଛାତ୍ର ସଭାପତି ହିତେଶ ହୋତା, ଯୁବ ସଭାପତି ଶୁଭମ ଦାସ, ପ୍ରଦେଶ ଛାତ୍ର ସମ୍ପାଦକ ଶାହାରୁଖ ଖାନ, ଛାତ୍ର ଉପସଭାପତି ସିଦ୍ଧାନ୍ତ ମିଶ୍ର, ମିଡିଆ ସେଲ ଇନ୍‌ଚାର୍ଜ ରାକେଶ ନାୟକ, ସୁଶାନ୍ତ ସାମଲ, ଛାତ୍ରନେତା ଓମ୍‌ପ୍ରକାଶ ନାଏକ, ହିତେଶ କୁମାର ସିଂ, ଦିପୁ ଦାସ, ଶୁଭ୍ରାଂଶୁ ଦାସ, ଦିଲୀପ ନାୟକ, ଗଣେଶ ତ୍ରିପାଠୀ ପ୍ରମୁଖ ଶହେରୁ ଉର୍ଦ୍ଧ୍ୱ ଛାତ୍ର କର୍ମକର୍ତ୍ତା ଯୋଗଦେଇଥିଲେ।

## ସଙ୍କୁଳସ୍ତରୀୟ ଶିଶୁଭାରତୀ ପଦାଧିକାରୀ କାର୍ଯ୍ୟାଶାଳା



ଢେଙ୍କାନାଳ, ୯ ।୧୧(ସମିସ): ଓଡ଼ାପଡ଼ା ବ୍ଲକ ସିମିଳଇ ଦାଣ୍ଡିମାଳସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଓଡ଼ାପଡ଼ା ସଙ୍କୁଳସ୍ତରୀୟ ଶିଶୁଭାରତୀ ପଦାଧିକାରୀ କାର୍ଯ୍ୟାଶାଳା ଅନୁଷ୍ଠିତ ହୋଇଛି। ପ୍ରଧାନଆଚାର୍ଯ୍ୟ ଶ୍ରୀବସ୍ତ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ ଜିଲ୍ଲା ପ୍ରମୁଖ ମନମୋହନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଶିଶୁ ଭବିଷ୍ୟତର ନାଗରିକ, ଶିଶୁମାନେ ନିଜକୁ ସମର୍ଥ ଭୂମିକାରେ ଅବତୀର୍ଣ୍ଣ କରି ସାମ୍ପ୍ରତିକ ପରିସ୍ଥିତିରେ ନିଜକୁ ଗଢ଼ିତୋଳିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ଓଡ଼ାପଡ଼ା ସଙ୍କୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ ଶିଶୁଭାରତୀ ପଦାଧିକାରୀ କାର୍ଯ୍ୟାଶାଳର ଆଭିମୁଖ୍ୟ କଥନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ରଶ୍ମିତା ସାହୁ ଯୋଗ କାଳାଂଶ ନେଇ ଯୋଗର ଉପକାରିତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିବାବେଳେ ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଶିଶୁ ପଦାଧିକାରୀ କାର୍ଯ୍ୟ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପର୍ଯ୍ୟାବରଣ ସଂରକ୍ଷଣ, ସାମାଜିକ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା ସ୍ୱଚ୍ଛତା ସମ୍ପର୍କରେ ଶିଶୁ ପଦାଧିକାରୀ ଭାଇଭଉଣୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଭାରତ ବର୍ଷର କୃତୀ ସନ୍ତାନମାନଙ୍କ ଅମର କୀର୍ତ୍ତି, କାର୍ଯ୍ୟାବଳୀ ଓ ସେମାନଙ୍କ ସ୍ମୃତିଚାରଣ କରିଥିବାବେଳେ ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ମହତ୍ତ୍ୱ, ଭାରତୀୟ ବୀର ପୁରୁଷମାନଙ୍କ ଜୀବନୀ, ସମୟାନୁବର୍ତ୍ତିତା, ଭାରତୀୟ ପରମ୍ପରା, ସରଳ ଜୀବନ, ଉଚ୍ଚଚିନ୍ତା ବିଷୟରେ ଶିଶୁପଦାଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟାଶାଳାରେ ଓଡ଼ାପଡ଼ା ସଙ୍କୁଳ ଅନ୍ତର୍ଗତ ୭ ବିଦ୍ୟାଳୟ ଯଥା-ଇନ୍ଦିପୁର, କାଶିଆଡିହି, ସିମିଳଇ, ଓଡ଼ାପଡ଼ା, ଧଳପୁର, ମୋଟଙ୍ଗା, ମଙ୍ଗଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ଭାରତୀ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ମନ୍ତ୍ରୀ, ଉପମନ୍ତ୍ରୀ, ସେନାପତି ପ୍ରମୁଖ ୪୨ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଂକୁଳ ଅନ୍ତର୍ଗତ ଶିଶୁ ମନ୍ଦିରରୁ ଆସିଥିବା ୭ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ଗୁରୁମା, ପଲ୍ଲବୀ ଗୁରୁମା, ଶକୁନ୍ତଳା ଗୁରୁମା ସହଯୋଗ କରିଥିଲେ। ଶେଷରେ ଶିଶୁଭାରତୀ ପଦାଧିକାରୀ ବୈଠକର ଅନୁଭୂତି କଥନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସିମିଳଇ ସରସ୍ୱତୀ ଶିସୁ ମନ୍ଦିରର ଛାତ୍ର ଅଭିଲିପ୍ସା ପ୍ରିୟଦର୍ଶିନୀ, ଧଳପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ପାର୍ଥସାରଥି ବେହେରା, ଓଡ଼ାପଡ଼ା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଆୟୁଷ ବେହେରା ନିଜ ଅନୁଭୂତି କଥନ କହି ଉକ୍ତ କାର୍ଯ୍ୟରେ ବ୍ରତୀ ହେବାକୁ ଶପଥ ନେଇଥିଲେ। ସ୍ଥାନୀୟ ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରତାପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଢେଙ୍କାନାଳ: ଆଗାମୀ କାର୍ତ୍ତିକେଶ୍ୱର ପୂଜା ପାଇଁ ଢେଙ୍କାନାଳ କୁମ୍ଭାର ସାହିର ମୂର୍ତ୍ତି କାରିଗର ମୂର୍ତ୍ତିରେ ଶେଷସ୍ପର୍ଶ ଦେବାରେ ବ୍ୟସ୍ତ।

● ବ୍ୟାଙ୍କ ସମ୍ମୁଖରୁ ଗାଡ଼ି ଚୋରି; ୪ ଦିନ ପରେ ବି ମିଳୁନି ଟେର୍

## ଗଣ୍ଡା ଗଣ୍ଡା କ୍ୟାମେରା କେଉଁଥିପାଇଁ

ତାଳଚେର ସହର, ୯ ।୧୧(ସମିସ): ତାଳଚେର ହାଣ୍ଡିଧୁଆସ୍ଥିତ ଗ୍ରାମ୍ୟବ୍ୟାଙ୍କ ସମ୍ମୁଖରୁ ଏକ ବାଇକ୍ ଚୋରି ହୋଇଛି। ଘଟଣାକୁ ଇତିମଧ୍ୟରେ ୪ ଦିନ ବିତିଯାଇଥିଲେ ମଧ୍ୟ ବାଇକ କିମ୍ବା ଲୁଟେରାଙ୍କ ଟେର୍ ମିଳୁନି। ତେବେ ତାଳଚେରରେ ଲାଗିଥିବା ଗଣ୍ଡା ଗଣ୍ଡା କ୍ୟାମେରା କେଉଁ କାମକୁ ବୋଲି ସାଧାରଣରେ ଉଠିଛି ପ୍ରଶ୍ନ। ସୂଚନା ଅନୁଯାୟୀ, ବନ୍ତଳା ଥାନା ଅନ୍ତର୍ଗତ ବଲଙ୍ଗା ଗ୍ରାମର ନାରାୟଣ ମହାଲିକ ୧୦ ବର୍ଷ ହେବ ଦେଉଳବେଡ଼ା ତେଲିସାହି ଅଞ୍ଚଳରେ ରହି ଆସୁଛନ୍ତି। ଟଙ୍କା ଜମା କରିବାକୁ ଗତ ୬ ତାରିଖ ସେ ହାଣ୍ଡିଧୁଆସ୍ଥିତ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କ ଭିତରୁ ବାହାରିବା ସମୟରେ ତାଙ୍କ ବାଇକ୍ ଆଉ ପାଇ ନ ଥିଲେ। ବାଇକ୍ ଚୋରି ହୋଇଥିବା ସେ ତାଳଚେର କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ୪ ଦିନ ପରି ବି ପୁଲିସ ଗାଡ଼ି କିମ୍ବା ଚୋର ପାଖରେ ପହଞ୍ଚିବାରେ ବିଫଳ ହୋଇଛି। ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି ହେବା ପୁଲିସକୁ ଖୋଲା ଆହ୍ୱାନ ସଦୃଶ ହୋଇଛି।

## ଘର ତାଳା ଭାଙ୍ଗି ଗହଣା, ଟଙ୍କା ଚୋରି

ତାଳଚେର ସହର, ୯ ।୧୧(ସମିସ): ତାଳଚେର ଥାନା ଅନ୍ତର୍ଗତ ଅଙ୍ଗାରୁଆ ସୁବାସ ବୋଷ ମାର୍ଗରେ ଥିବା ବିଜୟ ସେନାପତିଙ୍କ ଘରୁ ଚୋରି ହୋଇଛି। ବିଜୟ ନାଲକୋସ୍ଥିତ ତାଙ୍କ କ୍ୱାର୍ଟର୍ସକୁ ବୁଲି ଯାଇଥିବା ବେଳେ କେହି ଦୁର୍ବୃତ୍ତ ଅଙ୍ଗାରୁଆସ୍ଥିତ ତାଙ୍କ ଘର ତାଲା ଭାଙ୍ଗି ୨୦ ହଜାର ଟଙ୍କା, ୩୦୦ ଗ୍ରାମ ରୁପା ଗହଣା ଓ ବ୍ୟାଙ୍କ କାଗଜପତ୍ର ଚୋରି କରିନେଇଛନ୍ତି। ସକାଳୁ ପଡ଼ିଶା ଘର ଲୋକେ ତାଲା ଭାଙ୍ଗି ପଡ଼ିଥିବା ନେଇ ବିଜୟଙ୍କୁ ସୂଚନା ଦେଇଥିଲେ। ବିଜୟ ଘରକୁ ଆସି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## କାର୍ତ୍ତିକରେ ମା' ବୃନ୍ଦାବତୀଙ୍କ ମୂଳରେ ଆକାଶ ଦୀପ



ଢେଙ୍କାନାଳ, ୯ ।୧୧(ସମିସ): ବାର ମାସରେ କାର୍ତ୍ତିକ ହେଉଛି ସବୁଠାରୁ ପୁଣ୍ୟମାସ। ଏହି ଉପଲକ୍ଷେ ସ୍ଥାନୀୟ କୁଞ୍ଜକାନ୍ତ ପୋଖରୀ କୂଳରେ ମା' ବୃନ୍ଦାବତୀଙ୍କ ମୂଳରେ ପ୍ରତ୍ୟେକ ଦିନ ଆକାଶ ଦୀପ ଉଠାହେଉଛି। ୩୦ ବର୍ଷ ହେବ ଏଠାରେ ଏହି ଆକାଶ ଦୀପ ଉଠାଯାଉଛି। ସଭାପତି ସ୍ନିଗ୍ଧାରାଣୀ ନନ୍ଦ, ସମ୍ପାଦକ ଜୋତିର୍ମୟୀ ପଣ୍ଡା ଏବଂ ଅଞ୍ଚଳର ବହୁ ମହିଳା ଏହି ପୂଜାରେ ସାମିଲ ହେଉଛନ୍ତି। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏହି ପୂଜା ଅନୁଷ୍ଠିତ ହେଉଛି।

## କୋଇଲାଖଣିରେ ସୁରକ୍ଷିତ ବ୍ଲାଷ୍ଟିଂ ଅଭ୍ୟାସ କର୍ମଶାଳା




ତାଳଚେର, ୯ ।୧୧(ସମିସ): କୋଇଲାଖଣିରେ ସୁରକ୍ଷିତ ବିସ୍ଫୋରକ ସଞ୍ଚାଳନ ଏବଂ ବ୍ଲାଷ୍ଟିଂ ଅଭ୍ୟାସ ଉପରେ ଏକ କ୍ରିୟାନ୍ୱିତ କର୍ମଶାଳା ତାଳଚେରସ୍ଥିତ ସେଣ୍ଟ୍ରାଲ ୱାର୍କସପ୍ କଲୋନୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏମସିଏଲ ଜଗନ୍ନାଥ କ୍ଷେତ୍ର ଦ୍ୱାରା ସଙ୍ଗଠିତ ଏହି କର୍ମଶାଳାରେ ଡିଏମଏସ (ମାଇନ୍) କ୍ରିଷ୍ଣେନ୍ଦୁ ମଣ୍ଡଳ, ଡିଏମଏସ (ମେକ୍) ରତ୍ନାକର ସୁନକି, ଡିଡିଏମଏସ (ମାଇନ୍) ଟି. ହରିପ୍ରସାଦ, ଡିଡିଏମସ (ଇଲେକ୍) ମଳୟ କୁମାର ଜେନା, ଜିଏମ୍ (ଏସ ଆଣ୍ଡ ଆର) ସିପି ଗର୍ଗ, ଜିଏମ ଜଗନ୍ନାଥ ଏକେ ଧଳ ଏବଂ ତାଳଚେର କୋଇଲା କ୍ଷେତ୍ରର ସମସ୍ତ କ୍ଷେତ୍ର ମହାପ୍ରବନ୍ଧକ ଯୋଗଦେଇଥିଲେ। ଏହି କର୍ମଶାଳାରେ ପ୍ରୋଜେକ୍ଟ ଅଫିସର, ମ୍ୟାନେଜର, ଏରିଆ ସୁରକ୍ଷା ଅଧିକାରୀ, ପ୍ରୋଜେକ୍ଟ ଇଞ୍ଜିନିୟର, ସୁରକ୍ଷା ଅଧିକାରୀ, ବିସ୍ଫୋରକ ପରିବହନ ପାଇଁ ବ୍ୟବହୃତ ଯାନଗୁଡ଼ିକର ତଲାସ/ରକ୍ଷଣାବେକ୍ଷଣରେ ନିୟୋଜିତ ଇଞ୍ଜିନିୟର, ସୁରକ୍ଷା ଅଧିକାରୀ, ବ୍ଲାଷ୍ଟିଂ ଅଫିସର, ବ୍ଲାଷ୍ଟିଂ ଓଭର ମ୍ୟାନ୍/ସିରଦର୍ସ, ବିସ୍ଫୋରକ କ୍ୟାରିଅର, ମାଗାଜିନ କିରାଣି, ବିସ୍ଫୋରକ ଭ୍ୟାନ୍ ଡ୍ରାଇଭର, ବିଏମଡି ଅପରେଟର୍ସ, ବିଏମଡି ମଜଦୁର, ବିଏମଡି ଟେକ୍ନିସିଆନ/ଇଞ୍ଜିନିୟର୍ସ, ଜେଏସପିଏଲ, ନାଲକୋର ପ୍ରତିନିଧିଗଣ ଅଂଶଗ୍ରହଣ କରିଥିଲେ।

# ତାଳଚେରରେ ବିଏମ୍‌ଏସ୍‌ର ରାଜ୍ୟ କାର୍ଯ୍ୟକାରିଣୀ

ତାଳଚେର, ୯ ।୧୧(ସମିସ)




ଅନୁଗୋଳ ଜିଲ୍ଲା ତାଳଚେରସ୍ଥିତ ତାଳଚେର କୋଇଲା ଖଣି ମଜଦୁର ସଂଘ ପ୍ରାଙ୍ଗଣରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଓଡ଼ିଶା ପ୍ରଦେଶର ୧୪୬ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂଘର ରାଜ୍ୟ ସଭାପତି ବାଦଲ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇ ସମସ୍ତ ପ୍ରତିନିଧି ଓ କେନ୍ଦ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ତାଳଚେରକୁ ପ୍ରତିନିଧିତ୍ୱ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ। ବୈଠକ ଆରମ୍ଭରେ ବିଗତ ଦିନରେ ଓଡ଼ିଶା ତଥା ଦେଶର ପ୍ରମୁଖ ଶ୍ରମିକ ନେତା, ଶ୍ରମିକମାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଅଣାଯାଇଥିଲା। ଏହାସହ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ନୃଶଂସତାକୁ ଦୃଢ଼ ନିନ୍ଦା କରାଯାଇଥିଲା। ବୈଠକରେ ୩୦ ଜିଲ୍ଲାର ପ୍ରତିନିଧି, ସାର୍ବଜନିକ ଉଦ୍ୟୋଗ, ବିଦ୍ୟୁତ ସଂଘ ପ୍ରତିନିଧି, ଅଙ୍ଗନବାଡ଼ି, ଆଶା, ପାଚିକା, ନିର୍ମାଣ, ଖଣି, ସିମେଣ୍ଟ, ଷ୍ଟିଲ, ନାଲକୋ, ରେଳବାଇ, ଠିକାଶ୍ରମିକ ଇତ୍ୟାଦି ସଂଘର ପ୍ରତିନିଧି ଭାଗ ନେଇଥିଲେ। ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସମ୍ପାଦକ ରାଧେଶ୍ୟାମ ଜୟସ୍ୱାଲ ଯୋଗଦେଇ ସଂଘର ୭୦ ବର୍ଷର ଉପଲବ୍‌ଧି ଉପରେ ବକ୍ତବ୍ୟ ରଖିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ବୈଠକରେ ରାଜ୍ୟରେ କାର୍ଯ୍ୟରତ ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଆବଶ୍ୟକସ୍ଥଳେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଆସନ୍ତା ଡିସେମ୍ବରରେ ୮ରୁ ୧୦ ଲକ୍ଷ ଶ୍ରମିକଙ୍କ ସହ ଜନସମ୍ପର୍କ ଅଭିଯାନ, ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମହିଳା ସମ୍ମିଳନୀ, ଯୁବା ସମ୍ମିଳନୀ କାର୍ଯ୍ୟକ୍ରମ କରିବା ସହ ଯୁବକ ଏବଂ ମହିଳାମାନଙ୍କ ମଧ୍ୟରେ ଶ୍ରମିକ ସଂଘ ପ୍ରତି ଭରସା ସୃଷ୍ଟି କରିବା ଓ ନୂତନ ନେତୃତ୍ୱ ବିକାଶ ପାଇଁ ପ୍ରୟାସ କରାଯିବ। ସୁସ୍ଥ ସମାଜ ଗଠନ ନିମିତ୍ତ ସମାଜରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ପଞ୍ଚ ପରିବର୍ତ୍ତନ ତଥା, ପର୍ଯ୍ୟାବରଣ, ସ୍ୱଦେଶୀ, ଯୌଥ ପରିବାରର ଆବଶ୍ୟକତା, ସାମାଜିକ ସମରସ୍ତା ଏବଂ ନାଗରିକ କର୍ତ୍ତବ୍ୟ ଉପରେ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗରୀଶ କୁମାର ମହନ୍ତ ଗୁରୁତ୍ୱରୋପ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଅସଙ୍ଗଠିତ କ୍ଷେତ୍ର, ଠିକା ଶ୍ରମିକମାନଙ୍କ ଦୟନୀୟ ଅବସ୍ଥାର ଦୂରୀକରଣ ପାଇଁ ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶ୍ରମିକ ସଂଗଠନ ଯେଉଁଠାରେ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ, ସେଠାରେ ପହଞ୍ଚିବା ପାଇଁ ଉପସ୍ଥିତ ଶ୍ରମିକ ପ୍ରତିନିଧିମାନଙ୍କୁ ଆହ୍ୱାନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ସମ୍ପାଦିକା ଅଞ୍ଜଳି ପଟେଲ, ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ସହ ସାରାରଣ ସମ୍ପାଦକ ସଚ୍ଚିଦାନନ୍ଦ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ତାଳଚେର କୋଇଲା ଖଣି ମଜଦୁର ସଂଘ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

ତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଲୋକ ଡାକ୍ତର ହରେକୃଷ୍ଣ ପରିଡ଼ା

ବଡ଼ସାଲାରୋ, ଟାଙ୍ଗୋଲ, କେନ୍ଦ୍ରାପଡ଼ା

ଆସିଥିଲେ: ୨୧.୦୫.୧୯୨୩ (ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)

ବାହୁଡ଼ିଲେ: ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)

ପ୍ରିୟ ଜାତି ଉତ୍କଳ କେଶରୀ (ବୁଲୁ)ର ଅକାଳ ବିୟୋଗ ହେତୁ ଏକପକ୍ଷ ଉପରାନ୍ତ ଶ୍ରାଦ୍ଧପାଳନ। ତା ୧୦. ୧୧. ୨୦୨୪ ରବିବାର।

ଆପଣଙ୍କ ବିଦ୍ୱତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା। ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା-ଭଲପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ।

ବଡ଼ସାଲାରୋ 'ପରିଡ଼ା', ଟାଙ୍ଗୋଲ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୁନର୍ନବା ସାହିତ୍ୟ ସଂସଦର ସଦସ୍ୟଗଣ।

# କଣିହାଁରେ ଏନଟିପିସିର ୫୦ତମ ସ୍ଥାପନା ଦିବସ



**କଣିହାଁ, ୯ ।୧୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସିରେ ନଭେମ୍ବର ୭ ତାରିଖ ଏନଟିପିସିର ୫୦ତମ ପ୍ରତିଷ୍ଠା ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି । ସକାଳେ ପ୍ରକଳ୍ପ ମୁଖ୍ୟ ଏକେ ସେହଗଲଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ପଦଯାତ୍ରା କରଯାଇଥିଲା । ପରେ ପ୍ଲାଣ୍ଟ ପରିସରରେ ଥିବା ପ୍ରଶାସନିକ ଭବନରେ ପ୍ରକଳ୍ପ ମୁଖ୍ୟ ସେହଗଲ ଏନଟିପିସି ପତାକା ଉତ୍ତୋଳନ କରିଥିଲେ । ସେଠାରେ ଏନଟିପିସି ଗୀତ ବୋଲାଯାଇଥିଲା । ଭାଷଣ ପ୍ରସଙ୍ଗରେ ପ୍ରକଳ୍ପ ମୁଖ୍ୟ ସେହଗଲ ୧୯୭୫ ମସିହାରୁ ସ୍ଥାପନ କରାଯାଇଥିବା ଏନଟିପିସିର ସଫଳତା ବଖାଣିବା ସହ କର୍ମଚାରୀଙ୍କୁ ନିରାପତ୍ତା, ଗୁଣବତ୍ତା ଏବଂ ଉତ୍ପାଦନରେ ନୂତନ ମାନଦଣ୍ଡ ସ୍ଥିର କରିବାକୁ ଅନୁରୋଧ କରିଥିଲେ । ପରେ ପ୍ରକଳ୍ପ ମୁଖ୍ୟ ବେଲୁନ୍ ଛାଡ଼ିବା ସହ କେକ୍ କାଟିଥିଲେ । କାର୍ଯ୍ୟକ୍ରମରେ ଏନଟିପିସିର ସମସ୍ତ ବିଭାଗୀୟ ମୁଖ୍ୟ, ୟୁନିଅନ, ଆସୋସିଏସନର ପ୍ରତିନିଧି ଯୋଗଦେଇଥିଲେ । ପରେ ସମସ୍ତ କର୍ମଚାରୀ ପ୍ରଶାସନିକ ଭବନ ଅଡିଟୋରିୟମରେ ଏକତ୍ରିତ ହୋଇ କର୍ପୋରେଟ ସେଣ୍ଟରରୁ ଏନଟିପିସିର ସିଏମଡି ଗୁରୁଦୀପ ସିଂହଙ୍କ ସ୍ଥାପନା ଦିବସ ଉପଲକ୍ଷେ ପ୍ରେରଣାଦାୟକ ବାର୍ତ୍ତା ଆଭାସୀ ମାଧ୍ୟମରେ ଶୁଣିଥିଲେ । ସଂଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## କଲବଲ କଲେଣି ହାତୀପଲ

# ୨ ମାସ ହେବ ଏ ଗାଁରୁ ସେ ଗାଁ ଘୂରି ବୁଲୁଛନ୍ତି

**ଅନୁଗୋଳ, ୯ ।୧୧(ସଂଗ୍ରାମ ରଞ୍ଜନ ଦାସ)**

- ଏକର ଏକର ଜମିରେ ପାଚିଲା ଧାନ ନଷ୍ଟ କଲେଣି
- ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ



କଲବଲ କଲେଣି ହାତୀପଲ । ଦୀର୍ଘ ଦୁଇ ମାସ ହେଲା ଏ ଗାଁରୁ ସେ ଗାଁ ଘୂରି ବୁଲୁଛନ୍ତି । ଏକର ଏକର ଜମିରେ ପାଚିଲା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି । ଘର ଭାଙ୍ଗୁଛନ୍ତି । ଲୋକେ ବ୍ୟାପକ କ୍ଷତିଗ୍ରସ୍ତ ହେଉଛନ୍ତି । ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ରାତି ରାତି ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ରହୁଛନ୍ତି । ବନ ବିଭାଗ ସବୁ ଜାଣି ହାତ ଟେକିଦେଇଛି । ଏଭଳି ସ୍ଥିତି ଦେଖିବାକୁ ମିଳୁଛି ଅନୁଗୋଳ-ତାଳଚେର ବନାଞ୍ଚଳରେ ଥିବା ୧୦ରୁ ଅଧିକ ଗାଁରେ ।

ଅନୁଗୋଳ-ତାଳଚେର ବନାଞ୍ଚଳ ସୀମାରେ ଥିବା ବୁଢ଼ାପଙ୍କ, ତୁରଙ୍ଗ, ଆଙ୍କୁଲା, ବେନ୍ତପୁର, ତୁଳସୀପାଳ, ବଉଳିଗଡ଼, ସାନ୍ତରାପୁର, ରାମିମୁଣ୍ଡା, କଲଣ୍ଡାପାଳ, ଗାଡ଼ରଖାଇ, କଙ୍କିନାଳୀ, ଅଙ୍ଗାରବନ୍ଧ ଆଦି ଗାଁରେ ହାତୀପଲ ଉପଦ୍ରବରେ ଲୋକେ ତ୍ରାହି ତ୍ରାହି ଡାକିଲେଣି । ୪୦ରୁ ଅଧିକ ହାତୀ ପ୍ରାୟ ଦୁଇ ମାସ ହେଲା ଜଙ୍ଗଲ ଛାଡ଼ି ଏ ସବୁ ଅଞ୍ଚଳରେ ଡେରା ପକାଇଛନ୍ତି । ଏ ଗାଁରୁ ସେ ଗାଁ ବୁଲୁଛନ୍ତି । ଗାଁ ପୋଖରୀରେ ଜଳକ୍ରୀଡ଼ା କରୁଛନ୍ତି । ୟୁଆଡ଼େ ଯାଉଛନ୍ତି ଏକର ଏକର ଧାନ ଫସଲ ଖାଇ ଦଳିଚକଟି ନଷ୍ଟ କରୁଛନ୍ତି । ଗାଁ ଭିତରେ ପଶି ଘର ଭାଙ୍ଗୁଛନ୍ତି । ଦିନ ଦ୍ୱିପ୍ରହରରେ ଗାଁ ଦାଣ୍ଡରେ ବିଚରଣ କରୁଛନ୍ତି । ଚାଷୀମାନେ ବହୁ ପରିଶ୍ରମ ଓ ଖର୍ଚ୍ଚ କରି ଧାନ ଫସଲ କରିଥିଲେ । ଆଉ କିଛିଦିନ ପରେ ଅମଳ କରିଥାନ୍ତେ । ହେଲେ ହାତୀ ମୁହଁରେ ସବୁ ଗଲାଣି । ଫସଲ ନଷ୍ଟ ଯୋଗୁଁ ଚାଷୀ ମୁଣ୍ଡରେ ହାତଦେଇ ବସିଥିବା ବେଳେ ଭୟ ଲୋକଙ୍କ ପିଛା ଛାଡୁନି । ସନ୍ଧ୍ୟା ହେଲେ ଗାଁଗୁଡ଼ିକରେ ତାଟିକବାଟ ପଡ଼ିଯାଉଛି । ଲୋକେ ରାସ୍ତାଘାଟରେ ଯାତାୟାତ କରୁନାହାନ୍ତି । କାମଧନ୍ଦା ପାଇଁ ବାହାରକୁ ଯାଇପାରୁ ନ ଥିବାରୁ ଲୋକଙ୍କ ଜୀବିକା ଉଜୁଡ଼ିଗଲାଣି । ପିଲାମାନେ ମଧ୍ୟ ଅଧିକାଂଶ ସମୟରେ ସ୍କୁଲ କଲେଜ ଯାଇପାରୁ ନାହାନ୍ତି । ଏଭଳି ଦୟନୀୟ ଅବସ୍ଥାରେ ରହିଛନ୍ତି ଏସବୁ ଗାଁଗୁଡ଼ିକର ଲୋକେ । ବନ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳକୁ ଯାଉଛନ୍ତି । କିନ୍ତୁ ହାତୀପଲ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହେଉଛନ୍ତି । ଗୋଟିଏ ଗାଁରୁ ହାତୀ ଘଉଡ଼ାଇଲେ ସେମାନେ ଅନ୍ୟ ଗାଁକୁ ଚାଲି ଯାଉଛନ୍ତି । ଏହାଛଡ଼ା ରାତିର ଅନ୍ଧାରରେ ହାତୀମାନଙ୍କୁ ଘଉଡ଼ାଇବା ଆଦୌ ସମ୍ଭବ ହେଉନାହିଁ । ଦିନ ବେଳେ ହାତୀମାନେ ବହୁତ ଆକ୍ରମଣାତ୍ମକ ହୋଇଯାଉଥିବାରୁ ସେମାନଙ୍କ ପାଖ ମାଡ଼ିବା ବିପଜ୍ଜନକ । ତେଣୁ ହାତୀପଲଙ୍କ ରାଜୁତି ଚାଲିଛି ଏସବୁ ଗାଁଗୁଡ଼ିକରେ । ଲୋକେ କ'ଣ କରିବେ କିଛି ଚିନ୍ତା କରିପାରୁ ନ ଥିବା ବେଳେ ବନ ବିଭାଗ ମଧ୍ୟ ନିରୁପାୟ ହୋଇଯାଇଛି । ସରକାରଙ୍କ ନିୟମ ଅନୁସାରେ କ୍ଷତିଗ୍ରସ୍ତ ଚାଷୀମାନେ ଫସଲ କ୍ଷତିପୂରଣ ରାଶି ପାଇବା କଥା । କିନ୍ତୁ ତାହା ମଧ୍ୟ ସମ୍ଭବ ହେଉନାହିଁ । କାରଣ ଏସବୁ ଗାଁର ଅଧିକାଂଶ ଜମି ଚକବନ୍ଦୀ ଅଧୀନରେ ରହିଛି । ଲୋକେ ଦଖଲ କରି ଚାଷ କରିଥିବା ଜମି ସେମାନଙ୍କ ନାଁରେ ରେକର୍ଡ ନାହିଁ । ତେଣୁ ତଦନ୍ତ ବେଳେ କ୍ଷତିଗ୍ରସ୍ତ ଚାଷୀ କିଛି ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ବନ ବିଭାଗ ଅଧିକାରୀମାନେ କିଛି କହିବା ପାଇଁ ମଧ୍ୟ ଇଚ୍ଛା ପ୍ରକାଶ କରୁନାହାନ୍ତି । ବର୍ତ୍ତମାନ ଧାନ ପାଚିବା ଆରମ୍ଭ ହେଲାଣି । ଆଉ କିଛିଦିନ ପରେ ଅମଳ ହେବ । ହାତୀଙ୍କୁ ସହଜରେ ଭଲ ଖାଦ୍ୟ ମିଳିଯାଉଛି । ଗାଁ ପୋଖରୀଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ମିଳୁଛି । ଆଶ୍ରୟ ନେବାକୁ ଗାଁ ଆମ୍ବ ତୋଟା ରହିଛି । ତେଣୁ ସବୁ ସୁବିଧା ପାଇ ହାତୀପଲ ଅଞ୍ଚଳ ଛାଡ଼ି ଯାଉନାହାନ୍ତି । କେବଳ ହନ୍ତସନ୍ତ ହେଉଛନ୍ତି ଲୋକେ ।

## ● ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ଆମ୍ବୁଲାନ୍ସ ନ ଆସିବାରୁ ପିକ୍‌ଅପ୍‌ରେ ବୁହାହେଲେ ରୋଗୀ



**ଅନୁଗୋଳ, ୯ ।୧୧(ସମିସ):** ଆମ୍ବୁଲାନ୍ସ ନ ଆସିବାରୁ ପିକ୍‌ଅପ୍ ଭ୍ୟାନ୍‌ରେ ବୁହାହୋଇ ହସ୍ପିଟାଲ ଗଲେ ଗୁରୁତର ଯୁବକ । ଅନୁଗୋଳ ଜିଲ୍ଲାରେ ପୁଣି ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ଦୁର୍ଭାଗ୍ୟବଶତଃ ହସ୍ପିଟାଲରେ ଯୁବକଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର ।

ସୂଚନା ମୁତାବକ, ଝାଡ଼ଖଣ୍ଡର ଥାଇରେଶ କୁଜୁରଙ୍କ ପୁଅ ପ୍ରମୋଦ କୁଜୁର ଏବଂ ତାଙ୍କ ସ୍ତ୍ରୀ କଣ୍ଟାବଣିଆ ଅଞ୍ଚଳରେ ରହି କାର୍ଯ୍ୟ କରନ୍ତି । ଶନିବାର ଦ୍ୱିପ୍ରହର ସମୟରେ ପ୍ରମୋଦ ତାଜା ଉପରେ ଚଢ଼ି କାର୍ଯ୍ୟ କରୁଥିବା ବେଳେ ଅସାବଧାନତାବଶତଃ ତଳକୁ ଖସିପଡ଼ିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରମୋଦଙ୍କ ସ୍ତ୍ରୀ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଆସିବାରୁ ବାଧ୍ୟହୋଇ ସେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ପିକ୍‌ଅପ ଭ୍ୟାନ୍‌ରେ ପ୍ରମୋଦଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ । କିନ୍ତୁ ସେଠାରେ ଡାକ୍ତର ପ୍ରମୋଦଙ୍କୁ ମୃତ ଘୋଷଣା କରିଛନ୍ତି ।

# 'ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ' ଶୀର୍ଷକ କର୍ମଶାଳା




**ଅନୁଗୋଳ, ୯ ।୧୧(ସମିସ):** ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ଅନୁଗୋଳ ଜିଲ୍ଲା ଛେଣ୍ଡିପଦା କଙ୍କରେଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଛି । ଏଥିରେ ବକ୍ତା ଭାବେ ଜେସିଆଇ ଜୋନାଲ ଅଧ୍ୟକ୍ଷ ଅମନ୍ ଶୁକ୍ଲା ଏବଂ ଚେତନା ମିଶନର ପ୍ରତିଷ୍ଠାତା ତଥା ମୋଟିଭେସନାଲ ସ୍ପିକର ବାଣୀ ଦେବ ଯୋଗଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଅତିଥିଙ୍କୁ ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ । ବାଣୀ ଦେବ କର୍ମଶାଳା ସମ୍ପର୍କରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ସରକାରଙ୍କ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱଳ୍ପ ଖର୍ଚ୍ଚରେ ଉନ୍ନତ ମାନର ଧନ୍ଦାମୂଳକ ପ୍ରଶିକ୍ଷଣ ହାସଲ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବା ସହ ଉନ୍ନତମାନର ଜୀବିକା ନିର୍ବାହ କରିପାରିବା ଆଲୋକପାତ କରିଥିଲେ । ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂର କରିଥିଲେ । କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ବିକାଶ କମିଟି ସଦସ୍ୟଗଣ, ଅଭିଭାବକ ଯୋଗଦେଇଥିଲେ । ଶିକ୍ଷୟତ୍ରୀ ରେଖାସ୍ମିତା ତପୋବନା ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଶ୍ରୀଗୋପାଳ ଗୋଶାଳାରେ ଗୋପାଷ୍ଟମୀ ପାଳିତ




**ଅନୁଗୋଳ, ୯ ।୧୧(ସମିସ):** ଶନିବାର ଅନୁଗୋଳ ରନ୍ତଲେଇସ୍ଥିତ ଶ୍ରୀଗୋପାଳ ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଗୋମାତା ପୂଜନ, ହନୁମାନ ଚାଳିଶା ପାଠ ଓ ସୁରଭି ଯଜ୍ଞ କରାଯାଇ ଏକ ଆଧ୍ୟାତ୍ମିକ ପରିବେଶରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଆୟୋଜିତ ସଭାରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଓ ବିଶ୍ୱହିନ୍ଦୁ ପରିଷଦର ସାଧାରଣ ସାମ୍ପାଦକ ପଣ୍ଡିତ ମହେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଥିଲେ । ସାଂସଦ ପାଣି ସାରା ଦେଶରେ ଗୋବଂଶର ବର୍ତ୍ତମାନର ସ୍ଥିତି ଓ ଏହାର ସୁରକ୍ଷା ପାଇଁ ଆମ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ । ବିଧାୟକ ପ୍ରଧାନ ଗୋଶାଳାର ଉନ୍ନତି ପାଇଁ ବ୍ୟକ୍ତିଗତ ଓ ପ୍ରଶାନିକ ସ୍ତରରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।



ମୁଖ୍ୟବକ୍ତା ପଣ୍ଡିତ ସାହୁ ବିଭିନ୍ନ ଶାସ୍ତ୍ରର ଉଦାହରଣ ଦେଇ ଗାଈ କିପରି ଆମ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଜୀବନର ଧାରାପ୍ରବାହ ତାହା ବର୍ଣ୍ଣନା କରିଥିଲେ । ଏହାସହ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ ପାଇଁ ସମସ୍ତ ସନାତନୀ ହିନ୍ଦୁ ଏକତ୍ର ହୋଇ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଗୋଶାଳାର ସଭାପତି ଲଡୁକେଶ୍ୱର ଆଗ୍ରୱାଲ ଅଧ୍ୟକ୍ଷତା କରିଥିବାବେଳେ ଅଶୋକ ମୁରାରକା ଅତିଥିଙ୍କୁ ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ । ଗୋଶାଳାର ଇତିହାସ ସମ୍ପର୍କରେ ପୂର୍ବ ସଭାପତି ଗୋପାଳଜୀ ମୁନ୍ଦ୍ରା ବର୍ଣ୍ଣନା କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ମାତୃଶକ୍ତି ଗୋସେବା ସମିତି ଅଧ୍ୟକ୍ଷା ନିଲୁ ଗୁପ୍ତା ଓ ସଦସ୍ୟମାନେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ତୁଳାଦାନ, ବିଭିନ୍ନ ଗୋଉତ୍ପାଦ ବିକ୍ରି ଆଦି କରାଯାଇଥିଲା । ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଶିକ୍ଷକ ରାମକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଶିବିର



**ଆଠମଲ୍ଲିକ, ୯ ।୧୧(ସମିସ):** ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁବାଟିକା ବିଭାଗର ଶିଶୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆଧ୍ୟାପକ ଆଦିତ୍ୟ କୁମାର ସାହୁ ଯୋଗଦେଇ ଶିଶୁଙ୍କୁ ସାମାଜିକ ଚଳଣି ଓ ସମୟାନୁବର୍ତ୍ତିତା ପ୍ରସଙ୍ଗରେ ବହୁ ଉପାଦେୟ କଥା କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ବିଳାସିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟା ସବିତା ମହାକୁଡ଼ ଶାରୀରିକ କାଳାଂଶ ନେଇଥିବା ବେଳେ ମମିତା ଦାଶ ଶିଶୁ ପ୍ରାରମ୍ଭ ଭାଇ ଭଉଣୀଙ୍କୁ ନେଇ ରଙ୍ଗ କାମ କରାଯାଇଥିଲା । ଏହି ଅବସରରେ ଶିଶୁ ଭାଇ ଭଉଣୀମାନଙ୍କୁ ବିଭିନ୍ନ ସ୍ଥାନ ଯଥା- କୁମ୍ଭାରଶାଳ, ଧୋବାତୁଠ, ଧାନକ୍ଷେତ, ଥାନା, ଡାକଘର, ଦମକଳ କେନ୍ଦ୍ର, ହାଟ ଇତ୍ୟାଦି ଭ୍ରମଣରେ ନିଆଯାଇ ଜ୍ଞାନ ଅର୍ଜନ କରିଥିଲେ । ଭ୍ରମଣରୁ ଫେରିବା ପରେ ଶିଶୁଙ୍କ ମନୋରଞ୍ଜନ ନିମନ୍ତେ ପ୍ରୋଜେକ୍ଟର୍ ମାଧ୍ୟମରେ ଶିଶୁ ଚଳଚ୍ଚିତ୍ର ଦେଖି ଶିଶୁମାନେ ଆନନ୍ଦିତ ହୋଇଥିଲେ । ଭୋଜନ ଓ ବିଶ୍ରାମ ପରେ ଲିପ୍ସାମୟୀ ଶତପଥୀ, ଶାଶ୍ୱତୀ ସୌମ୍ୟା ସାହୁ, ସବିତା ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଶିଶୁମାନଙ୍କ ମଧ୍ୟରେ 'ଅମୃତ କଳସ' କାର୍ଯ୍ୟକ୍ରମ କରାଯାଇଥିଲା ।

# ହାତୀ ଆକ୍ରମଣରେ ଜଣେ ମୃତ

**ବଅଁରପାଳ, ୯ ।୧୧(ସମିସ):** ହାତୀ ଆକ୍ରମଣରେ ଏହି ବ୍ଲକ ଅନ୍ତର୍ଗତ ନଳଚନ୍ଦ୍ରପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗ୍ରାମର ବ୍ରଜବନ୍ଧୁ ସାହୁଙ୍କ ପୁଅ ପ୍ରଫୁଲ୍ଲ ସାହୁ (କର) । ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୧୫ ତାରିଖ ହେବାକୁ ଥିବା ସନ୍ତ୍ରୀ ଲୋଭୀ ଠାକୁରାଣୀ ଯାତ୍ରା ପାଇଁ ମା'ଙ୍କ ମନ୍ଦିର ପାଖରେ ଗତ ୫ ଦିନ ଧରି ଡେରା ପକାଇଥିବା ହାତୀପଲଙ୍କୁ ଘଉଡ଼େଇବା ପାଇଁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହେଇଥିଲା । ହାତୀପଲ ନଳଚନ୍ଦ୍ରପୁର ଗ୍ରାମ ପାଖଦେଇ ଯାଉଥିବା ସମୟରେ ପ୍ରଫୁଲ୍ଲ ନିଜ ଘର ପାଖରେ ଥିବା ବିଲକୁ ନିଆଁହୁଲା ଧରି ଯାଇଥିଲେ । ବନବିଭାଗ କର୍ମଚାରୀ ତାଙ୍କୁ ବାରଣ କରିବା ସତ୍ତ୍ୱେ ସେ ସେଠାକୁ ଯାଇଥିଲେ । ହାତୀ ପଲରୁ ବାହାରି ଆସିଥିବା ଏକ ହାତୀ ହାବୁଡ଼ରେ ସେ ପଡ଼ିଯାଇଥିଲେ । ହାତୀ ତାଙ୍କୁ ଗୋଡ଼ରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି ।

## ● ପତକା ଅଷ୍ଟକୀଳା କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଲିପିଲୋଇକୁ ହରାଇ ଫାଇନାଲରେ ବଲାସିଙ୍ଗା



**ଆଠମଲ୍ଲିକ, ୯ ।୧୧(ସମିସ):** ଆଠମଲ୍ଲିକ ବ୍ଲକ ପତକା ଖେଳପଡ଼ିଆରେ ଅଷ୍ଟକୀଳା କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚ ଅନୁଷ୍ଠିତ ହୋଇଛି । ଆଜିର ସେମିଫାଇନାଲ ମ୍ୟାଚ ଲିପିଲୋଇ ଏବଂ ବଲାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି ଗୋଲ ସ୍କୋର୍ କରିପାରି ନ ଥିଲେ । ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ବଲାସିଙ୍ଗା ୬-୫ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ରବିବାର ଗିରାସିଙ୍ଗା ଏବଂ ବଲାସିଙ୍ଗା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । ରେଫରୀ ଭାବେ ସୁଶୀଲ ବେହେରା, ଲାଇନ୍ସ ମ୍ୟାନ ଭାବେ ବଳରାମ ବେହେରା ଏବଂ ସୁଜିତ ମାହାର ମ୍ୟାଚ୍ ପରିଚାଳନା କରିଥିଲେ । ପ୍ରଫୁଲ୍ଲ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆଠମଲ୍ଲିକର ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ପତକା ବିଟ୍‌ର ଫରେଷ୍ଟ ଗାର୍ଡ ଦୀପକ କୁମାର ବେହେରା ଉପସ୍ଥିତ ଥିଲେ । ପତାକା ଅଷ୍ଟକୀଳା କ୍ଲବ ସଭାପତି ବସନ୍ତ କୁମାର ଷଣ୍ଢ, ସମ୍ପାଦକ ବୁଦ୍ଧିମାନ ମେହେର, ସଦସ୍ୟ ରାଜା ଭୋକ୍ତା, ମାନଭଞ୍ଜନ ସେଠୀ, ବ୍ୟାସଦେବ ଅମାନ୍ତ, ସରୋଜ ଦେହୁରୀ, ପ୍ରଶାନ୍ତ କୁମାର ଷଣ୍ଢଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ୧୯ରୁ ଅନୁଗୋଳ ଜିଲ୍ଲା ଚେସ୍ ଚାମ୍ପିଅନସିପ୍

**ଅନୁଗୋଳ, ୯ ।୧୧(ସମିସ):** ଅନୁଗୋଳ ଜିଲ୍ଲା ଚେସ ସଙ୍ଘ ଆନୁକୂଲ୍ୟରେ ଆସନ୍ତା ୧୯ ଓ ୨୦ ତାରିଖ ଚେସ ଚାମ୍ପିଅନସିପ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ବର୍ଗର ଖେଳାଳି ଭାଗନେଇପାରିବେ । ଇଚ୍ଛୁକ ଖେଳାଳି ୮୨୮୦୦୮୪୯୭୮ କିମ୍ବା ୯୪୩୭୩୬୦୧୫୮ ଫୋନ୍ ନମ୍ବର କିମ୍ବା angulchess@gmail.comରେ ନିଜର ନାମ ୧୭ ତାରିଖ ସୁଦ୍ଧା ପଞ୍ଜିକୃତ କରିବାକୁ ସଙ୍ଘ ପକ୍ଷରୁ ଅନୁରୋଧ କରାଯାଇଛି ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**କିଶୋରନଗର, ୯ ।୧୧(ସମିସ):** କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଳ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ମହେଶ୍ୱର ସାହୁଙ୍କର ଶନିବାର ଭୋର ୩ଟାରେ ତାଙ୍କ ବାସଭବନରେ ପରଲୋକ ଘଟିଛି । ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ସେ ଜଣେ ମେଳାପୀ, ଅମାୟିକ ବ୍ୟକ୍ତି ଭାବରେ ପରିଚିତ ଥିଲେ । ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଏକମାତ୍ର ପୁଅ ଅରବିନ୍ଦ ମୁଖାଗ୍ନି ଦେଇଥିଲେ ।

## କଟକ ଛାତ୍ରୀ ଦୁଷ୍କର୍ମ ଘଟଣା

# ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବିରେ ବିକ୍ଷୋଭ




**ଅନୁଗୋଳ, ୯ ।୧୧(ସମିସ)**

କଟକରେ ଘଟିଥିବା ଛାତ୍ରୀ ଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ, ଛାତ୍ରୀ ଓ ମହିଳାମାନଙ୍କୁ ନିରାପତ୍ତା ଯୋଗାଇଦେବା, ଅଶ୍ଳୀଳତା-ନଗ୍ନତା-ମଦ-ମାଦକ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବିରେ ଶନିବାର ଅନୁଗୋଳ ରାଜାଛକରେ ଏଆଇଡିଏସଓ ପକ୍ଷରୁ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଏଆଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ଉପ-ସଭାପତି ସୁନୀଲ ଭୋଇ, ସମ୍ପାଦକ ମଣ୍ଡଳୀ ସଦସ୍ୟ ପରମାନନ୍ଦ ସାହୁ, ବିନୋଦ ସେଠୀ, ଈଷା ଧର, ତରୁଣସେନ ନାୟକ, ନାରାୟଣ ସାହୁ, ନିମାଇଁ ସାହୁ, ସପ୍ତର୍ଷିନୀ ରାଉଳ, ପ୍ରଶାନ୍ତ ଦାସ, ରାଜ୍ୟ କମିଟି ସଦସ୍ୟ ନିରୁପମା ନାୟକ, କିଷାନ ସାହୁ, ଶୁଭସ୍ମିତା ସାହୁ, ଗୌର ପାତ୍ର, ସରୋଜିନୀ ବେହେରା, ପଲ୍ଲୀ ମଲ୍ଲିକ, ମନୋଜ ପାତ୍ର, ବନ୍ଦନା ଓରାମ, ପପୁନ ସାହୁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ବିକ୍ଷୋଭସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇଡିଏସଓ ଅନୁଗୋଳ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ସଭାପତିତ୍ୱ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ କହିଲେ, ରାଜ୍ୟ ତଥା ସମଗ୍ର ଦେଶରେ ଛାତ୍ରୀ ଓ ମହିଳାମାନଙ୍କ ଉପରେ ଆକ୍ରମଣ ଓ ଦୁଷ୍କର୍ମ କ୍ରମାଗତ ବଢ଼ି ଚାଲିଛି । ଛାତ୍ର ଯୁବକମାନଙ୍କ ନୈତିକ ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ଷଡ଼ଯନ୍ତ୍ରମୂଳକ ଭାବେ ସରକାର ଅଶ୍ଳୀଳତା-ନଗ୍ନତା-ମଦ-ମାଦକଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର କରୁଛନ୍ତି । ଏହା ପ୍ରତିବାଦରେ ଛାତ୍ରସମାଜ ସହ ସମସ୍ତ ବର୍ଗର ଜନଗଣ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ ।

# ଏଫ୍‌ସିଆଇ ଛକରୁ ରନ୍ତଲେଇ ପୁଣି ନୋ-ଏଣ୍ଟ୍ରି ଜୋନ୍

**ଅନୁଗୋଳ, ୯ ।୧୧(ସମିସ):** କିଛିମାସ ଧରି ଚାଲି ଆସିଥିବା ୫୫ ନମ୍ବର ଜାତୀୟ ରାଜପଥର ନୂଆହତାଠାରୁ ରନ୍ତଲେଇ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ସରି ନ ଥିବାରୁ ଅନୁଗୋଳ ସହର ଭିତରେ ଟ୍ରାଫିକ ଜାମ୍ ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି । ଏଣୁ ଜିଲ୍ଲାପାଳ ଅବଦାଲ୍ ଏମ ଅଖତାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଏଫ୍‌ସିଆଇ ଛକରୁ ରନ୍ତଲେଇ ପର୍ଯ୍ୟନ୍ତ ରାସ୍ତାକୁ ସକାଳ ସାଢ଼େ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦଶଚକିଆ ଓ ତା'ଠାରୁ ଅଧିକ ଭାରୀଯାନ ଚଳାଚଳ ନିଷେଧ କରାଯାଇଛି । ଏହି ନୋ-ଏଣ୍ଟ୍ରି ନିର୍ଦ୍ଦେଶ ନଭେମ୍ବର ୮ରୁ ଲାଗୁ ହୋଇଥିବା ବେଳେ ଏକମାସ ବଳବତ୍ତର ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଲକ୍ଷାଧିକ ଟଙ୍କା ତୋଷରପାତ: ପିଇଓ ଗିରଫ

**ଢେଙ୍କାନାଳ, ୯ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କଳାଙ୍ଗ ପଞ୍ଚାୟତର ନିର୍ବାହୀ ଅଧିକାରୀ ଲକ୍ଷାଧିକ ଟଙ୍କା ତୋଷାରପାତ କରିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ଓଡ଼ାପଡ଼ା ବିଡିଓ ସଦରଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ପିଇଓ ବେଣୁଧର ପଟ୍ଟନାୟକଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି । ସେ ପ୍ରାୟ ୧ଲକ୍ଷ ୯ ୯ ହଜାର ୯ ୯ ୭ଟଙ୍କା ତୋଷାରପାତ କରିଥିବା ଜଣାପଡ଼ିଛି ।



ଗତ ଅଗଷ୍ଟ ୧୩ରୁ ୨୧ ତାରିଖ ମଧ୍ୟରେ କଳାଙ୍ଗ ପଞ୍ଚାୟତରେ ହୋଇଥିବା ବିଭିନ୍ନ ସରକାରୀ ପୋଖରୀ ନିଲାମ ଟଙ୍କା ମଧ୍ୟରେ ୨ଲକ୍ଷ ଟଙ୍କା ତୋଷାରପାତ କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି । ପିଇଓ ରସିଦ ସହ ବ୍ଲକରେ ଟଙ୍କା ଜମା କରି ନ ଥିବା ବେଳେ ସେହି ଦିନଠାରୁ ଫେରାର ଥିଲେ । ସେହିପରି ଓଡ଼ାପଡ଼ା ବ୍ଲକ ଗଦାଶିଳା ଏବଂ ଗୋବିନ୍ଦ ପ୍ରସାଦ ପଞ୍ଚାୟତରେ ଏହି ଅନିୟମିତା ହୋଇଥିବା ବେଳେ ପୋଖରୀ ନିଲାମ, ଦୋକାନ ନିଲାମ ଟଙ୍କା ହିସାବ କରାଯାଇନାହିଁ । ଏପରିକି ଗାଁ ଦୋକାନ ଟଙ୍କା ରହିଥିବା ଜଣାପଡ଼ିଛି । ଏ ସମ୍ପର୍କରେ ନେଇ କଳାଙ୍ଗ ସରପଞ୍ଚ ବିଡିଓଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା । ତାଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରାଯାଇଥିବା ମଧ୍ୟ ଜଣାପଡ଼ିଛି ।

## ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ

# ଚିକିତ୍ସାଧୀନ ଶିଶୁକନ୍ୟାର ମୃତ୍ୟୁରୁ ଉତ୍ତେଜନା

**ଢେଙ୍କାନାଳ, ୯ ।୧୧(ସମିସ)**

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଛି । ତେବେ ଡାକ୍ତର ଏବଂ ନର୍ସଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଶିଶୁର ମୃତ୍ୟୁ ଘଟିଥିବା ଏବଂ ସଙ୍କଟାପନ୍ନ ସମୟରେ ଅକ୍ସିଜେନ ନ ଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ।

ସଦରଥାନା ବଳଭଦ୍ରପୁର କେସେରିଆ ଗ୍ରାମର ରବିନାରାୟଣ ମିଶ୍ରଙ୍କ ୪ ବର୍ଷର ଝିଅ ଲକ୍ଷ୍ମୀଶ୍ରୀର ଜ୍ୱର ହେବାରୁ ପରିବାର ଲୋକେ ଶୁକ୍ରବାର ତାକୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ମାତ୍ର ଚିକିତ୍ସାଳୟରେ କୌଣସି ଶିଶୁ ଡାକ୍ତର ନ ଥିବାରୁ ଘରକୁ ଫେରିଯାଇଥିଲେ ।





ଶନିବାର ସକାଳ ୧୦ଟାରେ ଲକ୍ଷ୍ମୀଶ୍ରୀକୁ ନେଇ ବାପାମାଆ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ । ସେଠାରେ ଶିଶୁ ବିଭାଗରେ ତା'ର ଚିକିତ୍ସା ଚାଲିଥିବା ବେଳେ ଡାକ୍ତର ତାକୁ ପ୍ରଥମେ ନର୍ସଙ୍କ ଦ୍ୱାରା ଏକ ଆରଏଲ ସାଲାଇନ ଦେବା ସହ ପରେ ସେଫ୍ଟ୍ରାଜନ୍ ଇଞ୍ଜେସନ ଦେଇ ସିବିସି ଏବଂ ଏମପି ପରୀକ୍ଷା କରିବାକୁ କହିଥିଲେ । ଝିଅର ବାପା ପରୀକ୍ଷା ପାଇଁ ଯାଇଥିବା ବେଳେ ଜଣେ କାର୍ଯ୍ୟରତ ନର୍ସ ଶିଶୁକୁ ଇଞ୍ଜେକସନ ଦେଇଥିଲେ । ଫଳରେ ଶିଶୁଟି ହଠାତ୍ ନିସ୍ତେଜ ହୋଇପଡ଼ିବା ସହ ଛାଟିପିଟି ହେବାରୁ ତା'ର ମାଆ ବାପାଙ୍କୁ ଡକାଇଥିଲେ । ବାପା ରବୀନ୍ଦ୍ର ଆସିବା ବେଳକୁ ଶିଶୁର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ନର୍ସ ଏବଂ ଡାକ୍ତରଙ୍କ ଭୁଲ ଇଞ୍ଜେକସନ ଯୋଗୁ ଝିଅର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଶିଶୁ କନ୍ୟାଟି ଛାଟିପିଟି ହେଉଥିବା ବେଳେ ସେଠାରେ ଆକ୍ସିଜେନ ନ ଥିବାର ଜଣାପଡ଼ିଥିଲା । ସେହିପରି ଡାକ୍ତର ମଧ୍ୟ ସେଠାରେ ଉପସ୍ଥିତ ନ ଥିବାର ଅଭିଯୋଗ ହୋଇଛି । ଏହି ଘଟଣାର ବିଭାଗୀୟ ମୁଖ୍ୟ ତଦନ୍ତ କରିବା ସହ ଯଦି କୌଣସି ତ୍ରୁଟି ହୋଇଥିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମଓ କହିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ସିଡିଏମଓ ସୂଚନା ପ୍ରଦାନ କରିଛନ୍ତି । ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ ଲୋକଙ୍କ ଭରସା ତୁଟି ଯାଉଛି ।

## ଜଙ୍ଗଲରେ ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ

# ୬ ଡକାୟତ ଗିରଫ, ୩ ଫେରାର

**ଢେଙ୍କାନାଳ, ୯ ।୧୧(ସମିସ):** ସଦରଥାନା ସିମିନଈ ଶାଳ ଜଙ୍ଗଲରେ ଡକାୟତି ଯୋଜନା ଚାଲିଥିବା ବେଳେ ପୁଲିସ ୬ ଡକାୟତକୁ ଗିରଫ କରିଛି । ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଡକାୟତମାନଙ୍କଠାରୁ ଦେଶୀ ବନ୍ଧୁକ ସହିତ ଜୀବନ୍ତ ଗୁଳି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି ।

ସିମିନଈ ଗ୍ରାମର ଶାଳ ଜଙ୍ଗଲରେ କେତେକ ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ପୁଲିସକୁ ଖବର ମିଳିଥିଲା । ପୁଲିସ ସେଠାରେ ଚଢ଼ଉ କରି ୬ ଡକାୟତଙ୍କୁ କାବୁ କରିଛି । ସେମାନେ ହେଲେ ଟାଉନ ଥାନା ଗୋପବନ୍ଧୁ ବଜାରର ଚକ୍ରଧର ମଲ୍ଲିକଙ୍କ ପୁଅ ଚଗଲା ମଲ୍ଲିକ ଓରଫ ଚିନ୍ମୟ (୩୨), ଆଦିତ୍ୟ ମଲ୍ଲିକ ଓରଫ ଗାନ୍ଧୀ, ବୁଲୁ ମଲ୍ଲିକଙ୍କ ପୁଅ ବିଶ୍ୱଜିତ ମଲ୍ଲିକ ଓରଫ ବାରୁ ଓରଫ ରୁଦ୍ର, ସଦରଥାନା ପଞ୍ଚୁପଟି ଗ୍ରାମର ସର୍ବେଶ୍ୱର ପରିଡ଼ାଙ୍କ ପୁଅ ଶୁଭେନ୍ଦୁ ପରିଡା (୩୪), ମୋଟଙ୍ଗା ଥାନା ପୋଡ଼ାପଡ଼ା ଗ୍ରାମର ଧର୍ମାନନ୍ଦ ସାହୁଙ୍କ ପୁଅ ବିବେକାନନ୍ଦ ସାହୁ (୨୯), ଟାଉନ ଥାନା ଦୋଳମଣ୍ଡପ ସାହିର ରଞ୍ଜନ ମାଟିଙ୍କ ପୁଅ ସନ୍ଦିପ ମାଟି ଓରଫ କାଳିଆ । ଏମାନଙ୍କଠାରୁ



୯ଟି ଦାମୀ ମୋବାଇଲ ଫୋନ, ଖଣ୍ଡା, ଲୁହା ଛଡ଼, ହକି ଷ୍ଟିକ, ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ମଦ ବୋତଲ, ଲଙ୍କାଗୁଣ୍ଡ, ଏକ ଦାମୀ କାର୍, ବୁଲେଟ ମଟରସାଇକଲ, ଗୋଟିଏ ସ୍କୁଟି, ଗୋଟିଏ ପଲସର ମଟରସାଇକଲ ଜବତ କରାଯାଇଛି । ବିବେକାନନ୍ଦ ଓରଫ ରାଜାଙ୍କ ନାମରେ ମୋଟଙ୍ଗା ଥାନାରେ ୫ଟି, ସଦର ଥାନାରେ ଗୋଟିଏ, ସନ୍ଦିପ ଓରଫ କାଳିଆ ନାମରେ ଟାଉନ ଥାନାରେ ୨ଟି, ସଦରଥାନାରେ ଗୋଟିଏ, ଗଁଦିଆରେ ଗୋଟିଏ, କଟକ କାନପୁର ଥାନାରେ ଗୋଟିଏ, ବିଶ୍ୱଜିତ ମଲ୍ଲିକ ଓରଫ ରୁଦ୍ର ନାମରେ ଟାଉନ ଥାନାରେ ଦୁଇଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି ।

### ମାରଣାସ୍ତ୍ର ସହ ବନ୍ଧୁକ ଜବତ



# ଗୋଷ୍ଠାଷ୍ଟମୀ ଓ ଗିରି ଗୋବର୍ଦ୍ଧନ ପୂଜା

**ଢେଙ୍କାନାଳ, ୯ ।୧୧(ସମିସ):** ସଦର ବ୍ଲକ ସଦେଇବେରଣୀ ଗ୍ରାମସ୍ଥିତ ନିତାଇଗୌର ମଠ ପ୍ରାଙ୍ଗଣରେ ଗୋଷ୍ଠାଷ୍ଟମୀ ଓ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଛି । ଏହି ଉପଲକ୍ଷେ ୩୦୦ ପ୍ରକାର ଭୋଗ, ଫଳ ଓ ପିଠା ଲାଗି ହୋଇଥିଲା । ପୂଜାରେ ଆଖ ପାଖ ଅଞ୍ଚଳର ସାଧୁସନ୍ଥ ଓ ଗ୍ରାମବାସୀ ଯୋଗଦେଇଥିଲେ । ବାବା ପ୍ରେମାନନ୍ଦ ଦାସ, ସନାତନ ଦାସ, କାହ୍ନୁଚରଣ ଦାସ, ପ୍ରଭୁପାଦ ଦାସ, ଶ୍ରୀଧର ଦାସ, ବଳରାମ ଦାସ, ଶ୍ୟାମସୁନ୍ଦର ଦାସ, ଆୟୋଜକ ବିଚ୍ଛନ୍ଦ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ବ୍ଲକସ୍ତରୀୟ ବିଜ୍ଞାନ ମେଳା, ଅନ୍ତର୍ଜାତୀୟ ବାଳିକା ଦିବସ




**କାମାକ୍ଷାନଗର, ୯ ।୧୧(ସମିସ):** କାମାକ୍ଷାନଗର ସହର ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଳିତ ହୋଇଛି । ଏଥିରେ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ମୋଟ ୬୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ତରଭା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀ ଓ ଫକୀରମୋହନ ଉଚ୍ଚ ବିଦ୍ୟାଳୟର ମଧୁସୂଦନ ରାଉତ ଯୋଗଦେଇ ଶ୍ରେଷ୍ଠ ୭ ପ୍ରକଳ୍ପ ଚୟନ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶିତ ହେବ । ବିଇଓ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ପିଲାମାନଙ୍କୁ ବିଜ୍ଞାନ ଦିଗରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ସସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ପାରିମାଳ କଲେଜର ବଟାନୀ ଅଧ୍ୟାପକ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା ଶିଶୁ ବୈଜ୍ଞାନିକ ଓ ଅନ୍ତର୍ଜାତୀୟ ବାଳିକା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ ଓ ବ୍ଲକ ନୋଡାଲ ଅଫିସର ସୁରେନ୍ଦ୍ର କୁମାର ବେହେରା ଯୋଗଦେଇଥିଲେ । ଅତିରିକ୍ତ ଶିକ୍ଷାଧିକାରିଣୀ ଅମ୍ବିକା ସାହୁ ଧନ୍ୟବାଦ ଦେଇଥିଲେ । ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିମଳ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ । ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ, ଶିକ୍ଷକ ପ୍ରଦୀପ ସ୍ୱାଇଁ, ଦୁର୍ଗା ପ୍ରସାଦ ତ୍ରିପାଠୀ, ଯୁଧିଷ୍ଠିର ବିଶ୍ୱାଳ, ବିପିନ ବିହାରୀ ପାତ୍ର, ଧ୍ରୁବ ଚରଣ ସୁନ୍ଦରରାୟ, ଚନ୍ଦ୍ରମଣି ଲେଙ୍କା ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ସୁନନ୍ଦା ପରିଡ଼ା, ପ୍ରଜ୍ଞା ପରମିତା ଦଳନାୟକ, ରାଜଶ୍ରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ ।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ନୂତନ ସ୍ୱେଚ୍ଛାସେବୀ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୯ ।୧୧(ସମିସ):** ସ୍ଥାନୀୟ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ନୂତନ ଭାବେ ଜାତୀୟ ସେବା ଯୋଜନାରେ ଯୋଗଦେଇଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ନୂତନ ପାଠଚକ୍ର କକ୍ଷରେ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସହିତ ପରିଚୟକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବରିଷ୍ଠ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଲିଟୁ ଦେହୁରୀ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅତିଥିଙ୍କୁ ବୃକ୍ଷ ଚାରା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ଇଶ୍ବର ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଡ. ଗିରୀଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ, ବ୍ୟକ୍ତିତ୍ୱ ଉନ୍ନତି ଏବଂ ସମାଜସେବା ବିଷୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଡ. ଅମୃତ ସେଠ ଏବଂ ଡ. ଭୂପେଶ ଚନ୍ଦ୍ର ସାହୁ ଯୋଗଦେଇଥିଲେ । ସମାରୋହରେ ଡ. ସଞ୍ଜିତ କୁମାର ମହାପାତ୍ର, ଲେଫ୍ଟନାଣ୍ଟ ପ୍ରକାଶ କୁମାର ସାହୁ, ଡ. ଅଦ୍ୱୈତ ସାହୁ ଏବଂ ବିଦୁଷୀ ମଧୁସ୍ମିତା ଯୋଗଦେଇ ଅତିଥି ବ୍ୟକ୍ତିବର୍ଗ ଭାବେ ଅସ୍ତିତ୍ୱ ଦର୍ଶାଇଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ୍ ଭତ୍ରା ଏନ୍ଏସ୍ଏସ୍ର ଇତିହାସ, ଦୃଷ୍ଟିକୋଣ ଏବଂ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ ।



ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଅନୁପମ ସିଂଙ୍କ ଦ୍ୱାରା ଏନ୍ଏସ୍ଏସର ବାର୍ଷିକ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ପଠନ କରାଯାଇଥିଲା । ଏନ୍ଏସ୍ଏସ୍ର ପୂର୍ବ କାର୍ଯ୍ୟକ୍ରମର ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ସ୍ୱେଚ୍ଛାସେବୀଙ୍କ ମଧ୍ୟରେ 'ଡିଜିଟାଲ ଆରେଷ୍ଟ' ସମ୍ପର୍କରେ ଏକ କର୍ମଶାଳା ଆୟୋଜିତ ହୋଇଥଲା । ସମସ୍ତେ ଏହି କାର୍ଯ୍ୟକ୍ରମରେ ଉତ୍ସାହିତ ହୋଇ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଏକକ ଅଭିନୟକୁ ଆଧାର କରି ଏକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ ଅତିଥି, କାର୍ଯ୍ୟକ୍ରମ ଅଧିକାରୀ ନୂତନ ଭାବେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନାଲ ରାସ୍ତା ନିର୍ମାଣରେ ମହାଦୁର୍ନୀତି

# ୮ କୋଟି ଟଙ୍କାର କାମ ମାସକରେ ଫାଟିଗଲା

**ହିନ୍ଦୋଳ, ୯ ।୧୧(ସମିସ)**

ହିନ୍ଦୋଳ ଉପଖଣ୍ଡରେ ବିଭିନ୍ନ ଉର୍ଣ୍ଣୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । କେଉଁଠି ରାସ୍ତା କାର୍ଯ୍ୟ ସରିବାର ଗୋଟିଏ ମାସ ପରେ ରାସ୍ତାରୁ ପିଚୁ ଉଠିଯାଉଛି ତ କେଉଁଠି କେବଳ ଠିକାଦାରଙ୍କୁ ସୁହାଇଲା ଭଳି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇ ହେଉଥିବା ଲାଭାଂଶରୁ ତଳଠୁ ଉପର ଯାଏଁ ହେଉଛି ଭାଗବଣ୍ଟା । ଦୁର୍ନୀତି ବିଷୟରେ ଜନସାଧାରଣ ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନ ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉପଖଣ୍ଡର ଜଳସେଚନ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ଏହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି ।



ଜଳସେଚନ ବିଭାଗରେ ପ୍ରତ୍ୟେକ ବର୍ଷ କେନାଲ ସଫା କରିବା ଓ କେନାଲ ମରାମତି କରିବା ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ହିନ୍ଦୋଳ ଉପଖଣ୍ଡ ଜଳସେଚନ ବିଭାଗ ପକ୍ଷରୁ ସାପୁଆ ବଡ଼ଯୋରା ରାସ୍ତାର ଉନ୍ନତୀକରଣ ନିମନ୍ତେ କାନ୍ତକୁଳଠାରୁ ପଞ୍ଚୁପଡ଼ା ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ପାଇଁ ସରକାର ୩ କୋଟି ୫୯ ଲକ୍ଷ ୯୫ ହଜାର ୫୨୪ ଟଙ୍କା ପ୍ରଦାନ କରିଥିଲେ । ଏହି ରାସ୍ତାର ଓସାର ୫ ମିଟର ହେବା ନିୟମ ରହିଛି । ମାତ୍ର ନିର୍ମାଣ କରାଯାଇଥିବା କେନାଲ ରାସ୍ତାର ମାଟି ଖାଇଯାଇ କେଉଁଠି ୩ ମିଟର ତ କେଉଁଠି ୪ ମିଟର ରହିଛି । ହୁଡ଼ାର ୨ ପାଶ୍ୱର୍ରେ ୫ ମିଟରର ବେସ୍ ବାନଜାଇ ରାସ୍ତା ନିର୍ମାଣ ହେବା ନିୟମ ଥିବା ବେଳେ ରାସ୍ତା ସାଢ଼େ ୩ ମିଟର ପିଚୁ କରାଯାଇଛି । ଠିକାଦାର ଖୁବ୍ ତରବରିଆ ଭାବେ ଅତ୍ୟନ୍ତ ନିମ୍ନ ମାନର ପିଚୁ କଂକ୍ରିଟ କାମ କରିଛନ୍ତି । ଯାହାକି ରାସ୍ତା କାର୍ଯ୍ୟ ସରିବାର ଗୋଟିଏ ମାସ ପରେ ପିଚୁ



କଂକ୍ରିଟ ଫାଟିଯାଇଛି । ସେହିପରି କନ୍ତୁକୁଳ ବ୍ୟାରେଜଠାରୁ ରାସୋଳ ପର୍ଯ୍ୟନ୍ତ କେନାଲ ହୁଡ଼ାରେ ପିଚୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି । ତେବେ ଏଠାରେ ନିର୍ମାଣ କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇ ନାହିଁ ।

ରାସ୍ତା କାର୍ଯ୍ୟ ସରିବାର ୧୫ ଦିନ ପରେ ଏବେ ରାସ୍ତା ଫାଟିଯାଇଛି । ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଏବଂ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟପାଇଁ କାର୍ଯ୍ୟ ସରିବା ପୂର୍ବରୁ ରାସ୍ତା ଫାଟିଗଲା । ହେଲେ ସେହି ରାସ୍ତା ଉପରେ ଏବେ ବିଭାଗ ପକ୍ଷରୁ ପ୍ୟାଚ ପକାଯିବ ବୋଲି କୁହାଯାଉଥିବା ବେଳେ ରାସ୍ତା ନିର୍ମାଣ ବେଳେ କେଉଁଠି ଥିଲେ ବିଭାଗୀୟ ଯନ୍ତ୍ରୀ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ରହୁ ନ ଥିବାବେଳେ ସୁପରଭାଇଜର ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କେବଳ ପିଚୁ କାମ ସମୟରେ କିଛି ସମୟ ପାଇଁ କାର୍ଯ୍ୟସ୍ଥଳକୁ ଆସିଥିବା ଦେଖିବାକୁ ମିଳିଥିଲା । ଫଳରେ ମାଟି ଏବଂ ଏସଡି ବିସି ନିମ୍ନମାନର ପକାଇ ରାସ୍ତା କାର୍ଯ୍ୟ ହେଉଥିବାବେଳେ କାର୍ଯ୍ୟ ସରିବା ପୂର୍ବରୁ ଫାଟିଗଲାଣି । ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଦିବାକର ବେହେରାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ରାସ୍ତା କାର୍ଯ୍ୟ ହେବାର କିଛିଦିନ ପରେ ପିଚୁ କଂକ୍ରିଟ ଫାଟିଯାଇଥିବା ଅଭିଯୋଗ ସତ୍ୟ । ଖୁବ କମଦିନ ଭିତରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

### ଭିଜିଲାନ୍ସ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି

## ମହିମା ତପୋବନ ପୀଠ

# ଝରଣା ଜଳ ଅଟକାଇ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ ଜଳଭଣ୍ଡାର ସୃଷ୍ଟି କରାଯିବ

**ଢେଙ୍କାନାଳ, ୯ ।୧୧(ସମିସ):** ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର୍ ଓ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ବାର୍ଷିକ ତପୋବନ ମେଳାର ଅବ୍ୟବହିତ ପୂର୍ବରୁ ତପୋବନ ପୀଠ ପରିଦର୍ଶନ କରିଛନ୍ତି । ଏହି ଶାନ୍ତ ସ୍ନିଗ୍ଧ ତପୋଭୂମି ବାସ୍ତବରେ ଅତ୍ୟନ୍ତ ଆକର୍ଷଣୀୟ ବୋଲି ଜିଲ୍ଲାପାଳ ମତ ଦେଇଥିଲେ । ଏହାର ପାରିପାଶ୍ୱର୍ିକ ଉନ୍ନତିକୁ ଅଗ୍ରାଧିକାର ଦିଆଯିବ ବୋଲି ସେ କହିଥିଲେ । ଏଠାରେ ମହିମାସ୍ୱାମୀ ୧୮୩୮ରୁ ୧୮୬୨ ଯାଏଁ ୨୪ବର୍ଷ ଧରି ତପଶ୍ଚର୍ଯ୍ୟା କରିବା ପରେ ଜନପଦଗୁଡ଼ିକୁ ଯାଇ ଆତ୍ମଲବ୍ଧ ଐଶ୍ୱରିକ ବାଣୀ ପ୍ରଚାର କରିଥିଲେ, ଯାହା "ମହିମା ଧର୍ମ' ନାମରେ ଖ୍ୟାତିଲାଭ କରିଥିଲା । ୧୮୬୨ରୁ ୧୮୭୬ ଯାଏ ୧୪ବର୍ଷ କାଳ ବିଭିନ୍ନ ସ୍ଥାନକୁ ପଦବ୍ରଜରେ ପରିବ୍ରାଜକ ଭାବେ ଯାଇ ମହିମା ଟୁଙ୍ଗୀ ସ୍ଥାପନା ପୂର୍ବକ ମହାପ୍ରଭୁ ଶୂନ୍ୟବ୍ରହ୍ମଙ୍କ ଉପାସନା ସମ୍ପର୍କରେ ସାଧାରଣରେ ମତପ୍ରଚାର କରିଥିଲେ । ଯୋରନ୍ଦା ଗାଦିପୀଠରେ ତାଙ୍କର ୬୪ ସିଦ୍ଧ ଶିଷ୍ୟ ତାଙ୍କୁ ସମାଧିସ୍ଥ କରି ଶୂନ୍ୟମନ୍ଦିର ସ୍ଥାପନା କରିଥିଲେ । ମହାରାଜା ଭଗୀରଥ ମହୀନ୍ଦ୍ର ବାହାଦୁର ମହିମାସ୍ୱାମୀଙ୍କୁ ୭୬ ଏକର ନିଷ୍କର ଜମି ଯୋରନ୍ଦା ମୌଜାରେ ଧର୍ମପ୍ରଚାର ନିମିତ୍ତ ମଠସ୍ଥାପନ ପାଇଁ ଦାନ କରିଥିଲେ । ମହିମାଧର୍ମର ଅନ୍ତୁଡ଼ି ଶାଳ ଭାବେ ପରିଚିତ ଏହି ପୀଠକୁ ୧୯୮୦ରେ ସ୍ୱର୍ଗତ ରାଜକିଶୋର ବାବା, ଶ୍ରୀମଦ୍ ରଘୁନାଥ ବାବା ଓ ଅବିନାଶୀ ବାବା ପ୍ରମୁଖ ଭୀମଭୋଇ ଓ ପ୍ରଖ୍ୟାତ ଭାଗବତ ଟୀକାକାର ଶ୍ରୀଧରସ୍ୱାମୀଙ୍କ ଲେଖା ଆଧାରରେ ଠାବ କରିଥିଲେ । ବର୍ତ୍ତମାନ ପୀଠସ୍ଥଳୀର ପାବଚ୍ଛ ଶ୍ରେଣୀରେ ଟାଇଲ୍ ଆଚ୍ଛାଦିତ କରାଯିବା ସହ ଯାତାୟାତ ସୁଗମ କରିବା ପାଇଁ ବିଭିନ୍ନ ସ୍ଥାନରେ ଷ୍ଟିଲ୍ ରେଲିଂ ଲଗାଯାଇଛି ।

ପୀଠସ୍ଥଳୀକୁ ନୂତନ ଭାବେ ମହିମାଧର୍ମର କମଳା ରଙ୍ଗରେ ରଙ୍ଗାୟିତ କରାଯାଇଛି । ପର୍ଯ୍ୟଟକଙ୍କ ପାଇଁ ସ୍ନାନାଗାର ଓ ଶୌଚାଳୟ ସହ ସୁରକ୍ଷା ପ୍ରାଚୀର ଆଦି ନିର୍ମାଣାଧୀନ ରହିଛି । ଭକ୍ତଙ୍କ ଦାନ ଅର୍ଥରେ ବାବାଙ୍କ ଲାଗି ସ୍ୱତନ୍ତ୍ର ଟୁଙ୍ଗୀ ନିର୍ମାଣ କରାଯାଉଛି । ଏଠାରେ ସୌର ଆଲୋକକୁ ଅଧିକ ସୁବ୍ୟବସ୍ଥିତ ଓ ବିକଶିତ କରିବା ପାଇଁ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଡ଼ିବନ୍ଧ ମାଧ୍ୟମରେ ଝରଣା ଜଳକୁ ଅଟକାଇ ଜୀବଜନ୍ତୁଙ୍କ ବ୍ୟବହାର ପାଇଁ କ୍ଷୁଦ୍ର ଜଳଭଣ୍ଡାର ସୃଷ୍ଟି କରିବା, ବାର୍ଷିକ ତପୋବନ ମେଳା ପାଇଁ ଉଦ୍ଦିଷ୍ଟ ଧୁନି ମଣ୍ଡପକୁ ଏକ ନୂତନ ସଂଯୋଗ ପାବଚ୍ଛ ନିର୍ମାଣ କରିବା ଏବଂ ଭିକ୍ଷା ଗ୍ରହଣ ପାଇଁ ଉଦ୍ଦିଷ୍ଟ ପୀଠର ଏକ ଛୋଟ ବୁଲାଣି ରାସ୍ତାର ଉନ୍ନତୀକରଣ ଉପରେ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।



ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ତପୋବନ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକା ସମ୍ପାଦକ ଭକ୍ତ ପ୍ରଶାନ୍ତ ମହାପାତ୍ର, ଢେଙ୍କାନାଳ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ, କରୁଣାକର ବାବା, କନ୍ଦର୍ପ ବାବା, ଜ୍ଞାନୀ ବାବା ଓ ଭକ୍ତ ଶ୍ରୀକାନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ପୀଠର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ।

# ବାରିପଦା ରକ୍ତଭଣ୍ଡାର ୨୦୨୦ରୁ ୫୯ ହଜାର ୟୁନିଟ୍ ସଂଗ୍ରହ

ବାରିପଦା, ୮ ।୧୧(ସମିସ)

ବାରିପଦା ରକ୍ତଭଣ୍ଡାର ମାଧ୍ୟମରେ ରକ୍ତ ସମସ୍ୟା ଦୂର କରିବା ପାଇଁ ନିୟମିତ କାର୍ଯ୍ୟ ପ୍ରକ୍ରିୟା ଜାରି ରହିଛି । ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଥିବା ବାରିପଦା ରକ୍ତ ଭଣ୍ଡାରରେ ବିଗତ ୨୦୨୦ରୁ ୪ବର୍ଷ ୧୦ମାସରେ ୫୯ହଜାରରୁ ଅଧିକ ୟୁନିଟ ସଂଗୃହିତ ରକ୍ତ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଛି । ରକ୍ତ ଅଭାବ ଦୂର କରିବାକୁ ବିଭିନ୍ନ ସଙ୍ଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ ସଂଖ୍ୟା ବୃଦ୍ଧି ପାଇଛି । ତତସହିତ ରକ୍ତଭଣ୍ଡାରକୁ ମିଳିଥିବା ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ୍ୟ ରକ୍ତ ସଂଗ୍ରହ ଭ୍ୟାନ ଜରିଆରେ ଛୋଟଛୋଟ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ ବୃଦ୍ଧି ପାଉଛି ।

୨୦୨୦ରେ ୧୧୯ଟି ରକ୍ତଦାନ ଶିବିର ଓ ୪୬୭୪ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୭୯୯୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ସେଥିମଧ୍ୟରୁ ୩୦୩ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୭୬୫୩ଜଣ ରୋଗୀ ଓ ୩୩୧୯ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ୨୦୨୧ ମସିହାରେ ୯୭ଟି ରକ୍ତଦାନ ଶିବିର ଓ ୪୧୬୪ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୮୦୦୫ୟୁନିଟ ରକ୍ତ ସଂଗୃହିତ ହୋଇଛି । ସେଥିମଧ୍ୟରୁ ୩୦୨ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୭୯୧୭ଜଣ ରୋଗୀ ଓ ୩୮୪୧ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ୨୦୨୨ରେ ୯୦ଟି ରକ୍ତଦାନ ଶିବିର ଓ ୪୬୩୪ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦, ୫୭୭ୟୁନିଟ ରକ୍ତ ସଂଗୃହିତ ହୋଇଛି । ସେଥିମଧ୍ୟରୁ ୪୨୬ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୦, ୩୭୮ଜଣ ରୋଗୀ ଓ ୫, ୯୪୩ ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ୨୦୨୩ ମସିହାରେ ୧୦୮ଟି ରକ୍ତଦାନ ଶିବିର ଓ ୬୮୫୧ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୨, ୪୩୯ୟୁନିଟ




ସଂଗୃହିତ ହୋଇଛି । ସେଥିମଧ୍ୟରୁ ୩୭୯ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୧୯୨୪ଜଣ ରୋଗୀ ଓ ୫, ୫୮୮ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୬୨ଟି ରକ୍ତଦାନ ଶିବିର ଓ ୩୧୫୨ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦, ୪୦୯ୟୁନିଟ ରକ୍ତ ସଂଗୃହିତ ହୋଇଛି । ସେଥିମଧ୍ୟରୁ ୧୯୯ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୨, ୮୪୬ଜଣ ରୋଗୀ ଓ ୭, ୨୫୭ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି । ରକ୍ତ ସଂଗ୍ରହ କରିବା କ୍ଷେତ୍ରରେ ଜୀବନବିନ୍ଦୁ, ରକ୍ତଦାନ ଶିବିର, ରକ୍ତ ଭଣ୍ଡାର ପ୍ରତିଦିନ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବେଶ୍ ସହାୟକ ହେଉଛନ୍ତି । ଏଥିସହିତ ତତ୍କାଳୀନ ସରକାର ସମୟରେ ବାରିପଦା ରକ୍ତ ଭଣ୍ଡାରକୁ ପ୍ରଦାନ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡି ଜରିଆରେ ବଢୁଛି ରକ୍ତ ସଂଗ୍ରହ ବହୁ ବଢ଼ିଛି । ଭ୍ରାମ୍ୟମାଣ ଗାଡି ଗାଁ ସହର ସବୁଠି ଯାଇ ଶିବିର କରି ରକ୍ତ ସଂଗ୍ରହ କରୁଛନ୍ତି । ବାରିପଦା ରକ୍ତ ଭଣ୍ଡାରରେ ବର୍ତ୍ତମାନ ରକ୍ତକେନ୍ଦ୍ର ଅଧିକାରୀ ଡା ସୌମ୍ୟ ରଞ୍ଜନ ନାୟକଙ୍କ ସମେତ ଜଣେ ଲେଖାଏଁ ମେଡିକାଲ, ଟେକ୍ନିକାଲ ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଫିସ ଆସିଷ୍ଟାଣ୍ଟ, କାଉନସେଲର, ଆକାଉଣ୍ଟାଣ୍ଟ (ପାର୍ଟ ଟାଇମ୍) ଓ ଡାଟା ମ୍ୟାନେଜମେଣ୍ଟ ଆସିସଟାଣ୍ଟ ରହିଛନ୍ତି । ସେହିପରି ୧୧ଜଣ ମେଡିକାଲ ଲ୍ୟାବରେଟୋରି ଟେକନିସିଆନ, ୨ ଜଣ ନର୍ସ ଅଫିସର ଓ ୪ଜଣ ଆଟେନଡାଣ୍ଟ ରହିଛନ୍ତି । ଏଠାରେ ଉନ୍ନତ ମେସିନ ମାନ ରହିଥିବା ବେଳେ ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳର ମେସିନର ଆବଶ୍ୟକତା ରହିଛି ।

## ସାତ ଦିନ ପଞ୍ଚାନନ ବେଶରେ ଦର୍ଶନ ଦେବେ ବାବାମଣି

**ଭଦ୍ରକ/ଆରଡ଼ି, ୮ ।୧୧(ସମିସ):** ଆରଡ଼ିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଶନିବାର ପବିତ୍ର ଅଳାଁନବମୀ ଅବସରରେ ଭାଗବତ ସପ୍ତାହ ନୀତି ଆରମ୍ଭ ହୋଇଛି । ଏହି ଅବସରରେ ୭ଦିନ ଧରି ମଣିବାବା ପଞ୍ଚାନନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏଥିପାଇଁ

**ରାହାସ ପୂର୍ଣ୍ଣିମାରେ ଦୁର୍ଲଭ ହରଗୌରୀ ବେଶ**



ପ୍ରତିଦିନ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ କାର୍ତ୍ତିକବ୍ରତ ନିମନ୍ତେ ମଣିବାବାଙ୍କୁ ନବବସ୍ତ୍ର, ଚନ୍ଦନ, ବେଲପତ୍ର ଆଦି ଲାଗି କରାଯାଇ ଦିଗମ୍ବର ବେଶରେ ପଞ୍ଚୁକ ବାଲ୍ୟଭୋଗ ଲାଗି କରାଯିବ । ଏଥିସହ ଭୋର ୫ଟାରୁ ରାତି ୧୦ଟା ଯାଏଁ ଶ୍ରଦ୍ଧାଳୁମାନଙ୍କ ପାଇଁ ସାହଣମେଲା କରାଯିବା ସହ ପୂଜାର୍ଚ୍ଚନା କରାଯାଉଛି । ମଧ୍ୟାହ୍ନ ୧ଟାରେ ବାବାଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇ ବଡ ଅନ୍ନନୀତି ଭୋଗ ଲାଗି କରାଯିବ । ସେହିପରି ଅପରାହ୍ଣରେ ବଡସିଂହାର ବେଶ ସହ ସନ୍ଧ୍ୟାରେ ଷୋଡ଼ଶ ଉପଚାର ନୀତି କରାଯିବ । ପରେ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ନିମନ୍ତେ ଘଟ ଉତୋଳନ, ଦ୍ୱାରପାଳ ପୂଜା, ପଞ୍ଚ ଉପଚାର ସହ ଭାଗବତ ପଠନ ଓ ଯଜ୍ଞ ଅନୁଷ୍ଠିତ ହେବ । ଆସନ୍ତା ରାହାସ ପୂର୍ଣ୍ଣିମାରେ ବାବା ହରଗୌରୀ ବେଶରେ ଦର୍ଶନ ଦେବେ । ଏଥିପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି ।

## ଝିଙ୍କିରିଆ ଦୁର୍ଘଟଣାରେ ମାମଲା ରୁଜୁ

**ମୋରଡା, ୯।୧୧(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ଝିଙ୍କିରିଆ ବାଙ୍କ ଛକ ନିକଟରେ ଚଳିତ ମାସ ଦୁଇ ତାରିଖ ଶନିବାର ବେପରୁଆ କାର ଚାଳକ ଦୁଇଟି ବାଇକକୁ ଧକ୍କା ଦେବା ଫଳରେ ଦୁଇ ବାଇକ ଚାଳକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଗତ ୭ ତାରିଖ ଏନେଇ ଅଭିଯୋଗ ପରେ ପୁଲିସ ଉକ୍ତ ଦୁର୍ଘଟଣା ସମ୍ପର୍କିତ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଅଭିଯୋଗକାରୀ ହେଲେ ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନାଞ୍ଚଳର ରାଜେନ୍ଦ୍ର ମହାନ୍ତ । ରାଜେନ୍ଦ୍ର ତାଙ୍କ ସ୍ତ୍ରୀ, ୧୧ ବର୍ଷର ପୁଅ ସହ ବାଇକ (ଓଡି-୦୧ଆର-୮୯୧୯) ଯୋଗେ ରାସଗୋବିନ୍ଦପୁର ଥାନା ପଳାସ ଗ୍ରାମସ୍ଥିତ ତାଙ୍କ ଶଶୁର ଘରକୁ ଯାଉଥିବା ସମୟରେ ଝିଙ୍କିରିଆ ଛକ ନିକଟରେ ଅନ୍ୟ ଏକ ବାଇକ (ଓଡି-୧୧-୫୦୧୨)ରେ ଯାଉଥିବା ବ୍ୟକ୍ତିଙ୍କ ଏକ ଧଳା ରଙ୍ଗର କାର (ଓଡି-୦୧-ଏକେ-୧୦୩୬) ସହ ଧକ୍କା ହୋଇଥିଲା । ବାଇକ ଚାଳକ ଜଣକ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । କାରର ବନେଟ ରାଜେନ୍ଦ୍ରଙ୍କ ବାଇକରେ ମାଡ଼ ହେବାରୁ ସେମାନେ ରାସ୍ତା କଡ଼ରେ ଥିବା କେନାଲରେ ପଡ଼ି ଯାଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ରାଜେନ୍ଦ୍ର ଚିକିତ୍ସିତ ହୋଇ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମୋରଡ଼ା ଥାନାଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି, ଉକ୍ତ ଗାଡ଼ିଟିରେ ମୋରଡ଼ା ବ୍ଲକ ଉପାଧ୍ୟକ୍ଷ ଜେମାମଣି ମହାନ୍ତ ଥିବାର ସୂଚନା ଥିବା ବେଳେ ପ୍ରକୃତ ଗାଡ଼ି ମାଲିକ କିମ୍ବା ଚାଳକଙ୍କ ସନ୍ଧାନ ମିଳିପାରି ନାହିଁ ।

## ଆପତ୍ତିଜନକ ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ



**ସୁକିନ୍ଦା, ୯।୧୧(ସମିସ):** ଜଣେ ନାବାଳିକାର ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ କଳିଙ୍ଗନଗର ପୁଲିସ ସୁଧୀର ନାୟକ ନାମକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ସୂଚନା ମୁତାବକ, କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଧରଣୀଧର ନାୟକଙ୍କ ପୁଅ ସୁଧୀର ନାଏକ (୨୦) ର କଳିଙ୍ଗନଗର ଥାନା ବାରଗାଡ଼ିଆ ଅଞ୍ଚଳର ଜଣେ ନାବାଳିକା ସହିତ ସୋସିଆଲ ମିଡ଼ିଆରେ ବନ୍ଧୁତା ହୋଇଥିଲା । ଚାଟିଂ ମାଧ୍ୟମରେ ଦୁହେଁ ନିକଟତର ହୋଇଥିଲେ । କିଛିଦିନ ପରେ ସମ୍ପୃକ୍ତ ଯୁବକ ନାବାଳିକାର କିଛି ଆପତ୍ତିଜନକ ଫଟୋ ନେଇଥିଲା । ଏହି ଫଟୋ ରଖିବା ପରେ ନାବାଳିକାକୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା । ଦିନକୁ ଦିନ ଯୁବକ ନାବାଳିକାକୁ ଧମକ ଦେବା ସହ ବିଭିନ୍ନ ଆପତ୍ତିଜନକ ଫଟୋ ଭାଇରାଲ କରିଥିଲା । ଶେଷରେ କୌଣସି ଉପାୟ ନ ପାଇ ନାବାଳିକା ପରିବାର ସହ କଳିଙ୍ଗନଗର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । କଳିଙ୍ଗନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## ଯୁବକକୁ ଚାପିଦେଲା ଟ୍ରକ୍

**ବାସୁଦେବପୁର, ୯ ।୧୧(ସମିସ):** ବାସୁଦେବପୁର ସହରର ଟ୍ରାଫିକ ଛକରେ ଆଜି ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଧାମରା ବନ୍ଦରକୁ ପରିବହନ ହେଉଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ଚାପାରେ ସ୍ଥାନୀୟ ଥାନା ସ୍ଥିତ ଗୁଆଗଡ଼ିଆ ଗ୍ରାମର ବୈରାଗୀ ନାୟକଙ୍କ ପୁଅ ପରେଶ ଗୁରୁତର ହୋଇଛି । ପରେଶଙ୍କ ଦୁଇ ଗୋଡ ଉପରେ ଚକା ଚଢ଼ି ଯାଇଥିବା ବେଳେ ସେ ଗୁରୁତର ଆହତ ହୋଇଥିଲେ । ପ୍ରତ୍ୟେକ୍ଷଦର୍ଶୀ ଘଟଣାସ୍ଥଳରୁ ସଞ୍ଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରା ଯାଇଥିବା ସୂଚନା ରହିଛି । ସ୍ଥାନୀୟ ସହରରେ କାଳୀ ପୂଜାକୁ ନେଇ ଭିଡ ରହିଥିବା ସମୟରେ କିପରି ଭାରୀ ଯାନ ଚଳାଚଳ କରିଥିଲା । ଆଉ ବେପରୁଆ ଟ୍ରକ୍ ଚାଳକର ଚାଳନା ପାଇଁ ଆଜି ଏମିତି ଦୂର୍ଘଟଣା ଘଟିଛି ବୋଲି ଉତେଜନା ପ୍ରକାଶ ପାଇଥିଲା । ଆଜି ପରେଶ ବାଇକ ଯୋଗେ ସହର ରାସ୍ତାରେ ଯାଉଥିବା ବେଳେ ପଛ ପଟୁ ଏକ ଟ୍ରକ ଧକ୍କା ଦେବା ପରେ ଛିଟିକି ପଡ଼ିଥିଲା ପରେଶ । ଆଉ ଉକ୍ତ ଟ୍ରକଟି ପରେଶର ଗୋଡ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ପରେଶର ୨ଗୋଡ ଗଭୀର ଆଘାତ ଲାଗିଥିଲା । ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଁଚି ଉତେଜନାକୁ ନିୟନ୍ତ୍ରଣ କରିବା ସହିତ ଟ୍ରକଟିକୁ ଥାନାରେ ଅଟକ ରଖିଛି ।

**ପ୍ରସ୍ତାବିତ ଚକଧର ପ୍ରକଳ୍ପ**

## ବିଧାୟକଙ୍କୁ ଭେଟିଲା ସମନ୍ୱୟ ସମିତି

**ତେଲକୋଇ, ୯।୧୧(ସମିସ):** ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଆଜି ତେଲକୋଇ ଗସ୍ତରେ ଆସିଥିବା ବେଳେ ସମାକୋଇ ଚକଧର ସମନ୍ୱୟ ସମିତି ପକ୍ଷରୁ ବିଧାୟକଙ୍କୁ ଭେଟି ପ୍ରସ୍ତାବିତ ଚକଧର ପ୍ରକଳ୍ପ ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି । ସ୍ଥାନୀୟ ଚଷା ସମାଜ ଗୃହରେ ଅନୁଷ୍ଠିତ ଆଲୋଚନାରେ ବିଧାୟକ ଡାକ୍ତର ଶ୍ରୀ ନାଏକଙ୍କୁ ପ୍ରସ୍ତାବିତ ଚକଧର ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ନାଏକ, ସରକାର ଚକଧର ପ୍ରକଳ୍ପ ପାଇଁ କୌଣସି ଅର୍ଥ ମଞ୍ଜୁରୀ କରି ନଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି । ଏହା ସହିତ ବିଧାୟକ ଶ୍ରୀ ନାଏକ ସର୍ବଦା ଚକଧର ସମନ୍ୱୟ ସମିତି ସହିତ ରହିଥିବା ପ୍ରକାଶ କରିଥିଲେ । ଏଇ ନିକଟରେ ବିଧାୟକଙ୍କ ନେତୃତ୍ୱରେ ପୁଣି ସମନ୍ୱୟ ସମିତି ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀଙ୍କୁ ଭେଟିବ ବୋଲି କାର୍ଯ୍ୟକ୍ରମ ରହିଥିବା କୁହାଯାଇଛି । ଅନ୍ୟପଟେ ପ୍ରସ୍ତାବିତ ଚକଧର ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ ନହେଲେ ସମନ୍ୱୟ ସମିତି ଆଗାମୀ ଦିନରେ ବିଧାନସଭା ଘେରଉ କରିବା ସହିତ ଧାରଣାରେ ବସିବ ବୋଲି ଚେତାବନୀ ଦେଇଛି । ଏହା ସହିତ ତେଲକୋଇ - ବିମଳା ପୂର୍ତ୍ତ ରାସ୍ତା ଶୋଚନୀୟ ଓ ତେଲକୋଇ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତକୁ ନେଇ ସମନ୍ୱୟ ସମିତି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହି କାର୍ଯ୍ୟକ୍ରମରେ ସମନ୍ୱୟ ସମିତିର ଉପଦେଷ୍ଟା ବାବୁଲାଲ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ପ୍ରଧାନ, ସଂଗ୍ରାମୀ ହଟ କିଶୋର ସାହୁ, ନାରାୟଣ ପ୍ରଧାନ, ଇନ୍ଦ୍ରମଣି ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ବଡ଼କାଳିଆ ଏଫ୍‌ସି ଚାମ୍ପିଅନ

**ନୀଳଗିରି, ୯।୧୧(ସମିସ):** ନୀଳଗିରି ବ୍ଲକ ତେଲିପାଳଠାରେ ୭ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶନିବାର ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉଦଯାପିତ ହୋଇଯାଇଛି । ତେଲିପାଳ ସାନ୍ତାଳୀ ବ୍ରଦର୍ସ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ୨୭ତମ ତିନିଦିନିଆ ଫୁଟବଲ୍ ମ୍ୟାଚର ଅନ୍ତିମ ଦିବସରେ ବଡକାଳିଆ ଏଫ୍. ସି ମୟୂରଭଞ୍ଜ ଏବଂ ହେସେଲ ବେରେଲ୍ ଫୁଟବଲ ଟିମ୍ (ଶରତ) ମୟୂରଭଞ୍ଜ ମଧ୍ୟରେ ଚୁଡାନ୍ତ ମ୍ୟାଚ ହୋଇଥିବା ବେଳେ ବଡ଼କାଳିଆ ଏଫ୍. ସି ଦଳ ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ହେସେଲ ବରେଲ ଦଳ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଚାମ୍ପିଅନ ଦଳକୁ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୩୦ହଜାର




ଟଙ୍କାର ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥିଭାବେ ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ଯୁବନେତା ଉପେନ୍ଦ୍ର ଦାସ, ତେଲିପାଳ ସରପଞ୍ଚ ବାହାମଣି ମାର୍ଣ୍ଡି, ତେଲିପାଳର ପୂର୍ବତନ ସରପଞ୍ଚ ସେରାଲ ବାସ୍କେ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ ଅତିଥି ଭାବେ ଯୋଗଦାନ କରିଥିଲେ । ଆଜିର ଏହି ଉଦ୍‌ଯାପନୀ ଉତ୍ସବରେ ଆଖପାଖ ଅଞ୍ଚଳର ହଜାରହଜାର ଫୁଟବଲ ପ୍ରେମୀ ଖେଳକୁ ଉପଭୋଗ କରିଥିବାବେଳେ କ୍ଲବ୍ ସଭାପତି ଅକ୍ଷୟ ମାଝୀ, ସମ୍ପାଦକ ସୂର୍ଜା ମାଝୀ, ଲାସ ମାଝୀ, ହାମରା ମାଝୀ, କରନ ମାଝୀ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ଲଣ୍ଡନରେ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



**ବାଲିଚନ୍ଦ୍ରପୁର, ୯ ।୧୧(ସମିସ):** ଦୀର୍ଘ ୬୪ ବର୍ଷ ଧରି ଲଣ୍ଡନରେ ରହିଆସୁଥିବା ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନପୁର ଗ୍ରାମର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ତଥା ଲେଖକ ଡଃ ପ୍ରଫୁଲ୍ଲ ମହାନ୍ତିଙ୍କୁ ତାଙ୍କ ଲଣ୍ଡନସ୍ଥ ବାସଭବନରେ ଲଣ୍ଡନ ଗସ୍ତରେ ଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭତୀ ପରିଡ଼ା ଭେଟିଛନ୍ତି । ଡଃ ମହାନ୍ତିଙ୍କୁ ସେଠାରେ ସାକ୍ଷାତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜକୁ ଗୌରବାନ୍ୱିତ ମନେ କରିବା ସହିତ ଡଃ ମହାନ୍ତି ଆମ ଓଡ଼ିଶା ପାଇଁ ଗର୍ବ ଗୌରବ ବୋଲି କହିଛନ୍ତି । ତାଙ୍କର ଏହି ସାକ୍ଷାତ ସମୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଡଃ ମହାନ୍ତିଙ୍କୁ କିଛି ଉପହାର ପ୍ରଦାନ କରିଥିବାବେଳେ ଡଃ ମହାନ୍ତି ତାଙ୍କ ଲିଖିତ ଚର୍ଚ୍ଚିତ ପୁସ୍ତକ 'ଥ୍ରୋ ବ୍ରାଉନ ଆଇସ'କୁ ପ୍ରଦାନ ପୂର୍ବକ ତାଙ୍କ ମଥାରେ ହାତ ରଖି ଆଶୀର୍ବାଦ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ସହିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ମଧ୍ୟ ଚିତ୍ରଶିଳ୍ପୀ ଡଃ ମହାନ୍ତିଙ୍କୁ ସାକ୍ଷାତ କରିଥିଲେ ।

## କାର୍ ଧକ୍କାରେ ପୁଅ ମୃତ, ମା' ଗୁରୁତର

ବସ୍ତା/ରାଜଘାଟ, ୯।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର କୁଣ୍ଡପୁର ଛକ ନିକଟରେ କାର ସହ ବାଇକ ଧକ୍କା ହୋଇ ପୁଅର ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇଛି । ଆଜି ଦିନ ପ୍ରାୟ ୧୨ଟାରେ ରାଜପଥର କୁଣ୍ଡପୁର ଛକ ନିକଟରେ କୁଣ୍ଡପୁର ଗ୍ରାମ ତଳରାସ୍ତାରୁ ରାଜପଥ ଉପରକୁ ଏକ କାର୍ ଦ୍ରୁତ ଗତିରେ ଆସିଯିବା ଯୋଗୁଁ ରାଜପଥରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଜଳେଶ୍ୱର ଥାନା ଗୁରୁଦାସପୁର ଗ୍ରାମର ଚକ୍ରଧର ମହାନ୍ତିଙ୍କ ପୁତ୍ର ସୁଶାନ୍ତ ମହାନ୍ତି (୩୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିବା ସହ ତାଙ୍କ ମା' ଆରତୀ ମହାନ୍ତି ଗୁରୁତର ହୋଇଛନ୍ତି । ତାଙ୍କୁ ବସ୍ତା ମେଡିକାଲ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମା' ଓ ପୁଅ ବାଲେଶ୍ୱରରେ ଡାକ୍ତର ଦେଖାଇ ଘରକୁ ଫେରୁଥିବା ସମୟରେ ଘଟିଥିଲା ଦୁର୍ଘଟଣା । ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଓ କାର୍ ଜବତ କରିଛି । ଦୁର୍ଘଟଣା ଘଟାଇଥିବା କାର୍‌ଟି ବସ୍ତା ଥାନା କୁଣ୍ଡେଇ ଗ୍ରାମର ସନ୍ୟାସୀ ବେହେରାଙ୍କ ବୋଲି ପୁଲିସ କହିଛି ।

## ମେଳାରୁ ବାଇକ୍ ଚୋରି

**କୁଆମରା, ୯ ।୧୧(ସମିସ):** ଖୁଣ୍ଟା ଥାନା ସପନଚୁଆଠାରେ କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ବହଳଦା ପଞ୍ଚାୟତ ଗଭେଇ ଗ୍ରାମର ଉପେନ୍ଦ୍ର ସିଂ (୨୪)ଙ୍କ ଓଡି ୧୧ ଡି - ୪୭୭୯ ନମ୍ବର ବାଇକ ଚୋରି ହୋଇଯାଇଛି । ସେଠାରେ ବାଇକ ରଖି ଦେଇ ପ୍ରାୟ ଘଣ୍ଟାଏ ପରେ ଫେରିବା ବେଳକୁ ବାଇକ ଚୋରି ହୋଇଥିବାର ଜାଣି ଖୋଜାଖୋଜି କରିଥିଲେ । ବାଇକ ନପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

**କୁଆମରା, ୯ ।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଚୁନଡିହା ଗ୍ରାମର ଜଣେ ଯୁବକଙ୍କୁ ସେହି ଗ୍ରାମର ୩ ଜଣ ବ୍ୟକ୍ତି ଘର ସମ୍ମୁଖରେ ପ୍ରାଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୂର୍ବ ଶତ୍ରୁତାକୁ ନେଇ ଛତିଶ ବେହେରା (୪୫)ଙ୍କୁ ମାନସ ବେହେରା, ଉମେଶ ବେହେରା ଓ ଦିବାକର ବେହେରା ପ୍ରାଣାନ୍ତକ ଆକ୍ରମଣ କରିଥିଲେ । ଛତିଶଙ୍କୁ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହୋଇ ଘରକୁ ଫେରିବା ପରେ ପୁଲିସ ଅଭିଯୋଗକ୍ରମେ ମାମଲା ରୁଜୁ କରିଛି ପୁଲିସ ।

## ମହିଳାଙ୍କୁ ନିର୍ଯାତନା

**କୁଆମରା, ୯।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇ ଆସୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଲକ୍ଷ୍ମୀ ବଗାଳ (୩୦)ଙ୍କ ସହ ୧୦ ବର୍ଷ ତଳେ ସାଗର ବଗାଳ ବିବାହ କରିଥିଲେ । ପ୍ରାୟ ୨ ବର୍ଷ ହେବ ସାଗର ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏନେଇ ଥାନାରେ ମାମଲା ରୁଜୁ କରିଛି ପୁଲିସ । ଲକ୍ଷ୍ମୀଙ୍କ ତିନୋଟି କନ୍ୟାସନ୍ତାନ ଅଛନ୍ତି ।

## ମହିଳାଙ୍କ ମୃତ୍ୟୁ; ହତ୍ୟା ଅଭିଯୋଗ



**କୁଆମରା, ୯।୧୧(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଗଡ଼ିଗାଁ ପଞ୍ଚାୟତ ମାଠିଆଭଙ୍ଗା ଗ୍ରାମରେ ଗତ ରାତିରେ ଜଣେ ବିବାହିତ ମହିଳା ଆତ୍ମହତ୍ୟା କରିଥିବା ଶାଶୂ ଘର ଲୋକେ କହୁଥିବା ବେଳେ ବାପ ଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ସୁମନ୍ତ ସେଠୀ ୬ ବର୍ଷ ପୂର୍ବରୁ ବଡସାହି ଥାନା ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମର ମକରା ସେଠୀଙ୍କ ଝିଅ ଆରତୀ (୨୫)ଙ୍କୁ ବିବାହ କରିଥିଲେ । ବିବାହର ୪ ବର୍ଷ ପରେ ୨ ବର୍ଷ ହେବ ପାରିବାରିକ ଅଶାନ୍ତି ଲାଗି ରହିଥିଲା । ଶୁକ୍ରବାର ରାତି ପ୍ରାୟ ୯ଟାରେ ଆରତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ପୁଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ତରବରିଆ ଭାବେ ଆରତୀଙ୍କ ଶବକୁ ଓହ୍ଲାଇ ଦେଇଥିଲା ବେଳେ ବାପ ଘର ଲୋକଙ୍କ ଅଭିଯୋଗ ଆଧାରରେ ଏନେଇ ଅଧିକ ତନାଘନା ଜାରି ରହିଛି । ପୁଲିସ ଶାଶୂ ଶାନ୍ତିଲତା, ନଣନ୍ଦ ମାମା ଓ ସ୍ୱାମୀ ସୁମନ୍ତଙ୍କୁ ପଚରାଉଚରା କରିଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଜାତା ଖମାରୀ କହିଛନ୍ତି । ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ହୋଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ । ଆରତୀଙ୍କ ଏକ ୪ ବର୍ଷର ଶିଶୁପୁତ୍ର ଅଛି ।

## ଗଞ୍ଜେଇ ସହ ଇନୋଭା ଜବତ; ୨ ଗିରଫ



**ବାରିପଦା, ୯।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ଥାନା ପୁଲିସ ୫୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି; ଯାହାର ବଜାର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ । ଭଞ୍ଜପୁର ଥାନାଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ୧୮ ନଂ ଜାତୀୟ ରାଜପଥରେ ଇନୋଭା କାରକୁ ଜବତ କରିଥିଲେ । ମାଜିଷ୍ଟ୍ରେଟ ଓ ଅବକାରୀ ଅଧିକାରୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଛି । ଘଟଣାରେ ଚାଳକ ସମେତ ୨ ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ଗଞ୍ଜେଇ ଓ ଇନୋଭାକୁ ଜବତ କରିଛି । ଅଭିଯୁକ୍ତଦ୍ୱୟ ହେଲେ କୁଳିଅଣା ଅନ୍ତର୍ଗତ ବଡ଼ ନୂଆଁଗାଁ ଅଞ୍ଚଳର ଚାଳକ ଅଜୟ କୁମାର ନାୟକ ଓ କନିଆଲୁକା ଅଞ୍ଚଳର ବେପାରୀ ପ୍ରବୀଣ ନାଥ । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ଇନୋଭାଟି ଏକ ଘରୋଇ ଗାଡି ଓ ବାରିପଦାର ପ୍ରତିଷ୍ଠିତ ହୋଟେଲ ମାଲିକଙ୍କ ହୋଇଥିବାରୁ ସେ ଅଡୁଆରେ ପଡ଼ିପାରନ୍ତି ।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ

**କୁଆମରା ୯।୧୧(ସମିସ):** ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥ ନାଲୁହା ଛକ ନିକଟରେ ଏକ ପିକଅପ୍ ଧକ୍କାରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ମାନସିକ ଭିନ୍ନକ୍ଷମ ଥିବା ଜଣାପଡ଼ିଛି । ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଗାଡ଼ିକୁ ଜବତ କରି ଥାନାରେ ଅଟକ ରଖିଛି । ଚାଳକ ବାଣପୁର ଥାନା ଦୁଲାଣସାହି ଗ୍ରାମର ଗୋପୀନାଥ ପ୍ରଧାନ (୨୪)କୁ ଗିରଫ କରାଯାଇଛି । ମୃତ ବ୍ୟକ୍ତି ଜଣକ କିଛି ଦିନ ତଳେ ଖୁଣ୍ଟା ଅଞ୍ଚଳକୁ ଆସି ଏଣେତେଣେ ବୁଲାବୁଲି କରୁଥିଲେ ।

## ମଧ୍ୟସ୍ଥତା କରି ଯୁବକ ମାଡ଼ ଖାଇ ଗୁରୁତର

**ବାସୁଦେବପୁର, ୯ ।୧୧(ସମିସ):** ବାସୁଦେବପୁର ଥାନା ବରଣ୍ଡୁଆ ସ୍ଥିତ ବିଷ୍ଣୁବିନ୍ଧା ଗ୍ରାମର ଏକତରଫା ପ୍ରେମକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି । ଏହି ପ୍ରେମ ବ୍ୟାପାରରେ ମଧ୍ୟସ୍ଥତା କରୁଥିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ନିର୍ଘୁମ ଛେଚିଥିବା ଅଭିଯୋଗ ହୋଇଛି । ନାବାଳିକାର ପରିବାର ଲୋକେ ମାଡ ମାରିଥିବା ଅଭିଯୋଗ କରିଛନ୍ତି । ମାଡ ଖାଇଥିବା ଯୁବକର ପରିବାର ଲୋକେ ଆମ ପିଲା କୌଣସି ଭୁଲ କରି ନଥିବା ବେଳେ ତାକୁ ଅମାନବୀୟ ଭାବେ ଗଛରେ ବାନ୍ଧି ପିଟା ଯାଇଥିବା ଅଭିଯୋଗ ବାଢିଛନ୍ତି । ଫଳରେ ନାବାଳକ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତ ହୋଇଥିବା ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲାର ଶରତ ଥାନା ଅଞ୍ଚଳର ଶଙ୍କର୍ଷଣ ଓଝାଙ୍କ ପୁଅ ଜୟରାମ ବୋଲି ଜଣାପଡ଼ିଛି । କିଛିଦିନ ତଳେ ବଡ଼ବାପା ରହୁଥିବା ବିଷ୍ଣୁବିନ୍ଧା ଗାଁକୁ ବୁଲିବାକୁ ଆସିଥିଲେ । ଆଜି ଏମିତି ଘଟଣା ଘଟିଥିବା ବେଳେ ଦେଖି ସ୍ଥାନୀୟ ଗ୍ରାମର ନାବାଳିକାର ପରିବାର ଲୋକେ ମାଡ ମାରିଥିବା ଅଭିଯୋଗ କରିଛନ୍ତି ।

## ୭ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ: ତୃତୀୟ ସନ୍ଧ୍ୟାରେ ନାଟକ 'ଔରଙ୍ଗଜେବ' ମଞ୍ଚସ୍ଥ

ବାଲେଶ୍ୱର, ୯।୧୧(ସମିସ)

'ନାୟିକା ବାଲେଶ୍ୱର'ର ୧୯ତମ ପ୍ରତିଷ୍ଠା ଦିବସ ଓ ୭ ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଆଜି ତୃତୀୟ ସନ୍ଧ୍ୟା ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ତୃତୀୟ ସନ୍ଧ୍ୟାରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଫକୀରମୋହନ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'କଳାକାର' ସଭାପତି ସୁରଞ୍ଜନ ଦାସମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପସ୍ଥିତ ଥିଲେ ସୁସ୍ମିତା ରଣା, ନିର୍ଦ୍ଦେଶିକା, ନାୟିକା ବାଲେଶ୍ୱର, ଅଭିଷେକ ପାଣିଗ୍ରାହୀ, ଅତୁଲ ଦାଶ, ଘନଶ୍ୟାମ ମହାଳିକ, ସୁଧାଂଶୁ ଶେଖର ସାହୁ, ମୋହିତ ମୋହନ ଦାସ । ମଞ୍ଚ ପରିଚାଳନା କରିଥିଲେ ସୁଶୀଲ ପଟ୍ଟନାୟକ । ଏହି ଅବସରରେ 'ନାୟିକା, ବାଲେଶ୍ୱର ସମ୍ମାନ'- ଧୀର ବସା, ନାଟ୍ୟ ନିର୍ଦ୍ଦେଶକ, ଓମ ନାଟ୍ୟ ସଂସ୍ଥା, ବାରିପଦା ଏବଂ 'ନାୟିକା ବାଲେଶ୍ୱର ମିଡିଆ ସମ୍ମାନ' ରତିକାନ୍ତ ପାଢ଼ୀଙ୍କୁ



ସମ୍ମାନିତ କରାଯାଇଥିଲା । ଏହାପରେ ଓମ ନାଟ୍ୟ ସଂସ୍ଥା, ବାରିପଦା ପକ୍ଷରୁ ନାଟକ 'ଔରଙ୍ଗଜେବ' ମଞ୍ଚସ୍ଥ ହୋଇଥିଲା । ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ଧୀର ବସା ।

